Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ  نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ  وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 50

ସାପ୍ତାହିକ

# ବଦର

The Weekly କାଦିଆନ
BADAR Qadian
ODIA

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 14 ଡିସେମ୍ବର 2017    14 ଫତାହ୍ 1396 ହି.ଶ    25 ରବିଉଲ୍ ଅୱ୍ୱଲ୍ 1439 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱ୍ୱର ଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ୍ୱ ବାରିକ୍‌ଲନା ଫି'ଉମ୍‌ରିହି ୱ୍ୱ ଅମ୍‌ରିହି ॥

**ପଞ୍ଜାବ ଓ ହିନ୍ଦୁସ୍ତାନ୍‌ର ଲୋକମାନେ ମୋ ଉପରେ ଏତେ କ୍ଷୁବ୍ଧ ହୋଇଯାଇଥିଲେ ଯେ ମୋତେ ପାଦତଳେ ଦଳି ଦେବାକୁ ଚାହୁଁଥିଲେ । (ଏପରି ଜଣାପଡୁଥିଲା ନିଶ୍ଚିତ ରୂପେ ସେମାନେ ତାଙ୍କ ପ୍ରାଣପଣେ କରିଥିବା ଚେଷ୍ଟାରେ ସଫଳ ହୋଇଥାନ୍ତେ ଓ ମୋତେ ନିଃଶେଷ କରିଦେଇଥାଆନ୍ତେ । କିନ୍ତୁ ସେମାନେ ସମସ୍ତେ ଅସଫଳ ହେଲେ । ଓ ମୁଁ ଜାଣିଛି ଯେ ସେମାନଙ୍କର ଏପରି ଆକ୍ରୋଶ/ଉଦଣ୍ଡତା ଓ ମୋତେ ଧ୍ୱଂସ କରିବା ପାଇଁ ଏ ପ୍ରକାରର ଚେଷ୍ଟା ଓ ଏହି ଶକ୍ତିଶାଳୀ ଝଡ଼ ଯାହା ମୋ ବିରୁଦ୍ଧରେ ସୃଷ୍ଟି ହେଲା, ଏ ସବୁ ଏଥିପାଇଁ ନଥିଲା ଯେ ଖୁଦା ମୋତେ ଧ୍ୱଂସ କରିବାକୁ ମନ ବଳାଇଥିଲେ । ବରଂ ଏହା ସବୁ ଏଥିପାଇଁ ଥିଲା ଯେ ଏତଦ୍‌ଦ୍ୱାରା ଖୁଦାଙ୍କ ନିଦର୍ଶନ ପ୍ରକଟ ହେବ । ଯଦ୍ୱାରା ଏହି ଶକ୍ତିଶାଳୀ ଖୁଦା ଯେ କାହାଦ୍ୱାରା ପରାସ୍ତ ହୋଇପାରେ ନାହିଁ ସେ ଉକ୍ତ ଲୋକଙ୍କ ମୁକାବିଲାରେ ନିଜର ଶକ୍ତି ଓ କ୍ଷମତା ଦେଖାଇପାରିବ ଓ ନିଜ କୁଦ୍‌ରତ୍ (ପ୍ରାକୃତିକ) ନିଦର୍ଶନକୁ ପ୍ରକାଶ କରିବ । ସୁତରାଂ ସେ ଏପରି ହିଁ କଲା ।**

## ହଜରତ ମସିହ ମଉଦ ଆ.ସଙ୍କ ନୀତି ବାଣୀ

୧୦୦-ଶହେତମ ନିଦର୍ଶନ - ହେଉଛି ବରାହିନେ ଅହେମଦିୟାର ସେହି ପେଶ୍‌ଗୋଇ ଯାହା ପୃଷ୍ଠା-୨୪୧ରେ ଦରଜ କରାଯାଇଛି । ପେଶ୍‌ଗୋଇର ବାକ୍ୟ ହେଉଛି ଏପରି- ଲା ତୈଅସ୍ ମିର୍‌ରୁହିଲ୍‌ଲ୍ଲାହି । ଆଲା ଇନ୍ନା ରୌହଲ୍‌ଲ୍ଲାହି କରିବ୍ । ଆଲା ଇନ୍ନ ନସରଲ୍ଲାହି କରିବ୍ । ୟାତିକା ମିନ୍ କୁଲ୍ଲି ଫଜ୍‌ଜିନ୍ ଅମିକ୍ । ୟାତୁନା ମିନ୍ କୁଲ୍ଲି ଫଜ୍‌ଜିନ୍ ଅମିକ୍ । ୟନ୍‌ସୁରୁକଲ୍ଲାହୋ ମିନ୍ ଇନ୍‌ଦିହି । ୟନ୍‌ସୁରୁକା ରିଜାଲୁନ୍ ନୁହି ଇଲୈହିମ୍ ମିନସ୍ ସମାଇ । ୱ୍ୱଲା ତୁସଅୟିର୍ ଲିଖଲ୍‌କିଲ୍‌ଲ୍ଲାହି ୱ୍ୱଲାତସ୍‌ଅମ୍ ମିନନ୍ ନାସ୍ । ଦେଖନ୍ତୁ ପୃଷ୍ଠା-୨୪୧, ବରାହିନେ ଅହେମଦୀୟା, ମୁଦ୍ରଣ-୧୮୮୧, ୧୮୮୨, ସଫିର୍‌ହିନ୍ଦ୍ ଅମୃତସର ପ୍ରେସ୍‌ରେ ମୁଦ୍ରିତ । (ଅନୁବାଦ) ଖୁଦାଙ୍କ କୃପାରୁ ନିରାଶ ହୁଅନାହିଁ ଏବଂ ଏକଥା ଶୁଣିରଖ ଯେ ଖୁଦାଙ୍କ କୃପା ଅତି ନିକଟରେ ହେବ । ସାବଧାନ ହୋଇଯାଅ ଯେ ଖୁଦାଙ୍କ ସାହାଯ୍ୟ ନିକଟରେ ଅଛି । ସେ ସବୁ ସାହାଯ୍ୟ ପ୍ରତ୍ୟେକ ମାର୍ଗରୁ ଆସି ତୁମକୁ ପହଂଚିବ ଏବଂ ପ୍ରତ୍ୟେକ ମାର୍ଗର ଲୋକେ ତୁମ ପାଖକୁ ଆସିବେ ଓ ଏତେ ସଂଖ୍ୟାରେ ଆସିବେ ଯେ, ଯେଉଁ ସବୁ ରାସ୍ତା ଦେଇ ସେମାନେ ଆସିବେ ସେହି ରାସ୍ତାଗୁଡିକ ଖାଲ ହୋଇଯିବ । ଖୁଦା ସ୍ୱୟଂ ତୁମର ସାହାଯ୍ୟ କରିବେ । ତୁମର ସାହାଯ୍ୟ (ମଧ୍ୟ) ସେହି ଲୋକମାନେ କରିବେ ଯାହାଙ୍କ ହୃଦୟରେ ଆମେ ନିଜେ ଇଲ୍‌କା (ମନଭିତରେ ସୃଷ୍ଟି) କରବୁ । କିନ୍ତୁ ଏହା ଜରୁରୀ ଅଟେ ଯେ ତୁମେ ଖୁଦାଙ୍କ ଭକ୍ତଙ୍କ ସହିତ, ଯେଉଁମାନେ ତୁମପାଖକୁ ଆସିବେ, ସେମାନଙ୍କ ସହିତ ଅସଭ୍ୟ ବ୍ୟବହାର କରିବ ନାହିଁ ଓ ତୁମେ ସେମାନଙ୍କ ସଂଖ୍ୟାକୁ ଦେଖି ସାକ୍ଷାତ୍ କରିବା ନିମନ୍ତେ ଥକି ଯିବ ନାହିଁ । ଏହି ପେଶ୍‌ଗୋଇଟିକୁ ବର୍ତ୍ତମାନ ୨୫ ବର୍ଷ ବିତିଗଲାଣି । ଯେବେ ଏହା ବରାହିନେ ଅହେମଦୀୟାରେ ଛପା ହୋଇ ପ୍ରକାଶ ହୋଇଥିଲା । ଓ ଏହା ସେ ସମୟର ଅଟେ ଯେବେ ମୁଁ ଅଜ୍ଞାତ ଓ ଅପ୍ରସିଦ୍ଧି ଅବସ୍ଥାରେ ଥିଲି । ଏବଂ ବର୍ତ୍ତମାନ ମୋ ସହିତ ଯେଉଁ ଲୋକମାନେ ଅଛନ୍ତି ସେମାନଙ୍କ ଭିତରୁ କେହି ମୋତେ ଜାଣିନଥିଲେ । ଓ ମୁଁ ଏପରି ଲୋକମାନଙ୍କ ମଧ୍ୟରୁ ନଥିଲି, ଯେଉଁମାନଙ୍କର ଚର୍ଚ୍ଚା କୌଣସି ନା କୌଣସି କାରଣ ଯୋଗୁଁ ଦୁନିଆରେ ହୋଇଥାଏ । ସୁତରାଂ କିଛି ନଥିଲା । ଓ ମୁଁ କେବଳ ଜଣେ ଅହଦୁମ୍ ମିନନ୍‌ନାସ୍ (ଅର୍ଥାତ୍ ଲୋକଙ୍କ ଭିତରେ ଏକୁଟିଆ) ରୂପେ ଥିଲି । କେବଳ ଅଜ୍ଞାତ ଅବସ୍ଥାରେ ଥିଲି ଓ ଜଣଙ୍କର ମଧ୍ୟ ମୋ ସହିତ ସମ୍ପର୍କ ନଥିଲା । କିନ୍ତୁ ଏପରି ଜଣେ ଅଧେ ଲୋକେ ମୋତେ ଜାଣିଥିଲେ ଯେଉଁମାନେ ମୋ କୁଟୁମ୍ବର ଲୋକମାନଙ୍କ ସହିତ ପୂର୍ବରୁ ପରିଚିତ । ସୁତରାଂ ଏହି ଘଟଣା ବିରୋଧରେ କାଦିଆନ୍‌ର କୌଣସି ଲୋକ ମଧ୍ୟ ସାକ୍ଷୀ ଦେଇପାରିବ ନାହିଁ । ଅତଃପର ଅଲ୍ଲାଃତାଲା ଏହି ପେଶ୍‌ଗୋଇକୁ ପୁରଣ କରିବା ପାଇଁ ତା ଭକ୍ତମାନଙ୍କୁ ମୋ ଆଡକୁ ଡଳାଇ ଦେଲା । ଫଳତଃ ଦଳଦଳ ଲୋକ ମୋ ପାଖକୁ କାଦିଆନ୍ ଆସିଲେ ଓ ବର୍ତ୍ତମାନ ଆସୁଛନ୍ତି । ନଗଦ(ଟଙ୍କା) ଓ ବିଭିନ୍ନ ପ୍ରକାରର ଜିନିଷପତ୍ର ଏତେମାତ୍ରାରେ ଉପହାର ଦେଲେ ଓ ବର୍ତ୍ତମାନ ଦେଉଛନ୍ତି ଯାହାକୁ ମୁଁ ଗଣିପାରିବି ନାହିଁ । ପ୍ରତ୍ୟେକ ମୌଲବୀଙ୍କ ତରଫରୁ (ମୋ ଉପରେ) ପ୍ରତିବନ୍ଧ ଲଗାଗଲା ଓ ସେମାନେ ଆମୁଳଚୁଳ ଚେଷ୍ଟା କଲେ ଯେ ଲୋକମାନେ କିପରି ମୋ ପାଖକୁ ନଆସନ୍ତୁ । ସେଥିପାଇଁ ମକ୍କାରୁ ଫତ୍‌ୱ୍ୱା ମଗାଇଲେ । ପାଖାପାଖି ୨୦୦ ମୌଲବୀ ମୋ ଉପରେ କୁଫର୍(ଅମାନ୍ୟକାରୀ) ର ଫତ୍‌ୱ୍ୱା ଲଗାଇଲେ । ଓ (ମୁ) ହତ୍ୟା ଉପଯୁକ୍ତ ବ୍ୟକ୍ତି ବୋଲି ଫତ୍‌ୱ୍ୱା ପ୍ରକାଶ କଲେ । କିନ୍ତୁ ସେମାନେ ତାଙ୍କର ସବୁ ପ୍ରକାରର ଚେଷ୍ଟାରେ ଅସଫଳ ହେଲେ । ଫଳ ଏପରି ହେଲା କି ମୋ ଯମାତ୍ ପଞ୍ଜାବର ସବୁ ସହର ଓ ସବୁ ଦେହାତି ଇଲାକାରେ ପ୍ରସାର ଲାଭ କଲା । ହିନ୍ଦୁସ୍ତାନ୍‌ରେ ମଧ୍ୟ ସ୍ଥାନେସ୍ଥାନେ ବୀଜରୋପଣ ହେଲା । ଏପରିକି ୟୁରୋପ୍‌ର ଆମେରିକାର କିଛି ଅଂଗ୍ରେଜ୍ ମଧ୍ୟ ଇସ୍‌ଲାମ୍ ଗ୍ରହଣ କରି ଯମାତ୍‌ରେ ଦାଖଲ ହେଲେ । ଏତେ ସଂଖ୍ୟାରେ ଦଳଦଳ ହୋଇ ଲୋକମାନେ କାଦିଆନ୍ ଆସିଲେ ଯେ ଇକା(ଏକ ପ୍ରକାରର ଘୋଡା ଗାଡ଼ି) ବହୁସଂଖ୍ୟାରେ ଚାଲିବା ଯୋଗୁ କାଦିଆନ୍‌ର କେତେକ ସ୍ଥାନରେ ରାସ୍ତା ଭାଙ୍ଗିଗଲା । (ସୁତରାଂ) ଏ ପେଶ୍‌ଗୋଇ ବିଷୟରେ ଖୁବ୍ ଅନୁଶୀଳନ କରିବା ଉଚିତ୍ । ଯଦି ଏହା ଖୁଦାଙ୍କ ତରଫରୁ ନ ହୋଇଥାଆନ୍ତା ତେବେ ମୁଖାଲିଫତ୍‌ରେ ଯେଉଁ ଝଡ଼ ସୃଷ୍ଟି ହୋଇଥିଲା ଓ ପଞ୍ଜାବ ଓ ହିନ୍ଦୁସ୍ତାନ୍‌ର ଲୋକମାନେ ମୋ ଉପରେ ଏତେ କ୍ଷୁବ୍ଧ ହୋଇଯାଇଥିଲେ ଯେ ମୋତେ ପାଦତଳେ ଦଳି ଦେବାକୁ ଚାହୁଁଥିଲେ । (ଏପରି ଜଣାପଡୁଥିଲା ନିଶ୍ଚିତ ରୂପେ ସେମାନେ ତାଙ୍କ ପ୍ରାଣପଣେ କରିଥିବା ଚେଷ୍ଟାରେ ସଫଳ ହୋଇଥାନ୍ତେ ଓ ମୋତେ ନିଃଶେଷ କରିଦେଇଥାଆନ୍ତେ । କିନ୍ତୁ ସେମାନେ ସମସ୍ତେ ଅସଫଳ ହେଲେ । ଓ ମୁଁ ଜାଣିଛି ଯେ ସେମାନଙ୍କର ଏପରି ଆକ୍ରୋଶ/ଉଦଣ୍ଡତା ଓ ମୋତେ ଧ୍ୱଂସ କରିବା ପାଇଁ ଏ ପ୍ରକାରର ଚେଷ୍ଟା ଓ ଏହି ଶକ୍ତିଶାଳୀ ଝଡ଼ ଯାହା ମୋ ବିରୁଦ୍ଧରେ ସୃଷ୍ଟି ହେଲା, ଏ ସବୁ ଏଥିପାଇଁ ନଥିଲା ଯେ ଖୁଦା ମୋତେ ଧ୍ୱଂସ କରିବାକୁ ମନ ବଳାଇଥିଲେ । ବରଂ ଏହା ସବୁ ଏଥିପାଇଁ ଥିଲା ଯେ ଏତଦ୍‌ଦ୍ୱାରା ଖୁଦାଙ୍କ ନିଦର୍ଶନ ପ୍ରକଟ ହେବ । ଯଦ୍ୱାରା ଏହି ଶକ୍ତିଶାଳୀ ଖୁଦା ଯେ କାହାଦ୍ୱାରା ପରାସ୍ତ ହୋଇପାରେ ନାହିଁ ସେ ଉକ୍ତ ଲୋକଙ୍କ ମୁକାବିଲାରେ ନିଜର ଶକ୍ତି ଓ କ୍ଷମତା ଦେଖାଇପାରିବ ଓ ନିଜ କୁଦ୍‌ରତ୍ (ପ୍ରାକୃତିକ) ନିଦର୍ଶନକୁ ପ୍ରକାଶ କରିବ । ସୁତରାଂ ସେ ଏପରି ହିଁ କଲା । କିଏ ଜାଣିଥିଲା ଓ କାହା ମନରେ ଏକଥା ଥିଲା ଯେ ଯେବେ ମୁଁ ଏକ ଛୋଟିଆ ମଞ୍ଜି ସଦୃଶ ପୋତାଯାଇଥିଲି ଓ ପରେ ତାକୁ ହଜାର ହଜାର (ଲୋକଙ୍କ) ପାଦତଳେ ଦଳିଦିଆଗଲା ଓ ଝଡ ଓ ବାତ୍ୟା ଆସିଲା ଓ ଏକ ଭୀଷଣ ବନ୍ୟା ମୋର ଏହି ଛୋଟିଆ ମଞ୍ଜି ଉପରେ ବହିଗଲା । ଏହା ସତ୍ୱେ ମଧ୍ୟ ମୁଁ କଣ ଏହି ସଦ୍‌ମା (ଦୁଃଖ) ରୁ ବଂଚିଯାଇଥାଆନ୍ତି ! ସୁତରାଂ ଉକ୍ତ ମଞ୍ଜିଟି ଖୁଦାଙ୍କ ଦୟାବଳରେ ନଷ୍ଟ ହେଲାନାହିଁ । ବରଂ ବଢ଼ିଲା ଓ ମୋଟା ହୋଇଗଲା । ବର୍ତ୍ତମାନ ତାହା ଏକ ବିରାଟ ବୃକ୍ଷ, ଯାହାର ଛାଇ ତଳେ

*ଅବଶିଷ୍ଟାଂଶ ପୃଷ୍ଠା-୫ ରେ ଦେଖନ୍ତୁ.......*

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ନମାଜ ପ୍ରତି ଧ୍ୟାନ ଦେବା ହେଉଛି ବହୁତ ଗୁରୁତ୍ୱପୁର୍ଣ୍ଣ ବିଷୟ ।

ଅନ୍‌ସାରୁଲ୍ଲାଃଙ୍କ ଭିତରେ ଶହେ ପ୍ରତିଶତ ଏଥିପ୍ରତି ଧ୍ୟାନ ଦେବା ଉଚିତ୍ ।

ଦେଶର କାନୁନ୍ ବ୍ୟବସ୍ଥାକୁ ଭଙ୍ଗ କରୁଥିବା ବ୍ୟକ୍ତି ଯଦି ଦୋଷି ରୂପେ ବିବେଚିତ ହୋଇଥାଏ ତେବେ ନମାଜ ପାଠ କରୁନଥିବା ବ୍ୟକ୍ତି ମଧ୍ୟ ଧର୍ମୀୟ ଦୋଷି ।

କେବଳ ଇଯ୍‌ତିମାରେ ସାମିଲ୍ ହେବା ଯୋଗୁ ଅନ୍‌ସାରୁଲ୍ଲାଃ ହୋଇଯିବ ନାହିଁ । ଏଥିପାଇଁ ଖୁଦାତାଲାଙ୍କ ନିର୍ଦ୍ଦେଶଗୁଡିକ ଉପରେ ଓ ଫରାଏଜ୍ (ଧାର୍ଯ୍ୟ କରାଯାଇଥିବା କର୍ତବ୍ୟ ଗୁଡିକ) ଉପରେ ଅମଳ କରିବା ଜରୁରୀ ଅଟେ ।

ଅନ୍‌ସାରୁଲ୍ଲାଃଙ୍କ ଗୋଟିଏ ଗୁରୁତ୍ୱପୁର୍ଣ୍ଣ କାର୍ଯ୍ୟ ହେଉଛି ଖିଲାଫତ୍ ସହିତ ସଂଲଗ୍ନ ରହିବା ଓ ତାକୁ ସୁଦୃଢ଼ କରିବା ପାଇଁ ଚେଷ୍ଟା କରିବା । ଯେତେବେଳେ ମୋମିନ୍‌ଙ୍କ ଯମାତ୍ ଖଲିଫାଏ ଓ୍ୱକ୍ତ (ଯୁବ ଖଲିଫା)ଙ୍କ ସମ୍ପୂର୍ଣ୍ଣ ରୂପେ ଆଜ୍ଞାବହ ହୋଇଯାଏ ସେତେବେଳେ ଯମାତ୍ ଓ ଖଲିଫାଏ ଓ୍ୱକ୍ତ ମିଶି ଗୋଟିଏ ଅସ୍ତିତ୍ୱ ହୋଇଯାଆନ୍ତି । ଯମାତ୍ ଶରୀରର ଅଙ୍ଗ ଓ ଖଲିଫାଏ ଓ୍ୱକ୍ତ ହୃଦୟ ଓ ମସ୍ତିଷ୍କର ଚରିତ୍ର ବହନ କରେ ।

ମଯ୍‌ଲିସ୍ ଅନ୍‌ସାରୁଲ୍ଲାଃ ଭାରତର ବାର୍ଷିକ ଇଯ୍‌ତିମା ଅନୁଷ୍ଠିତ ଅକ୍ଟୋବର ୨୦୧୭ ଅବସରରେ ସୟଦ୍‌ନା ହଜରତ୍ ଅମିରୁଲ୍ ମୁମିନିନ୍ ଅ:ବ:ଅ ଙ୍କ ବିଶେଷ **ବାର୍ତା** ।

ଲଣ୍ଡନ୍

MA 21-09-2017

ମଯ୍‌ଲିସ୍ ଅନ୍‌ସାରୁଲ୍ଲାଃ ଭାରତର ପ୍ରିୟ ସଦସ୍ୟଗଣ

ଅସ୍‌ସଲାମୋ ଆଲୈକୁମ୍ ଓ୍ୱ ରହମତୁଲ୍ଲାହେ ଓ୍ୱ ବରକାତୁହୁ

ଅଲ୍‌ହମ୍‌ଦୋଲିଲ୍ଲାଃ ଆପଣମାନଙ୍କୁ ଏବର୍ଷ ମଧ୍ୟ ବାର୍ଷିକ ଇଯ୍‌ତିମା ଅନୁଷ୍ଠିତ କରିବା ନିମନ୍ତେ ସୌଭାଗ୍ୟ ମିଳୁଅଛି । ଅଲ୍ଲାଃତାଲା ଏହାକୁ ବହୁତ ମୁବାରକ୍ କରନ୍ତୁ । ଓ ସମସ୍ତ ଅନ୍‌ସାରମାନଙ୍କୁ ଏହି ବାବର୍‌କତ୍ ଅବସରରୁ ଭରପୁର୍ ଲାଭ ଉଠାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ । ମୋ ଠାରୁ ଏହି ଅବସରରେ ବାର୍ତା ପ୍ରେରଣ ନିମନ୍ତେ ଦରଖାସ୍ତ କରାଯାଇଛି । ମୁଁ ଏ ଅବସରରେ ଆପଣମାନଙ୍କୁ କିଛି ଜରୁରୀ ଉପଦେଶ ଦେବାକୁ ଚାହୁଁଛି ।

ଯମାତ୍‌ର ଜେଲି ତନ୍‌ଜିମ୍ ମଯ୍‌ଲିସ୍ ଅନ୍‌ସାରୁଲ୍ଲାଃରେ ଲୋକେ ୪୦ବର୍ଷ ବୟସରେ ଦାଖଲ ହୋଇଥାନ୍ତି । ଏ ବୟସରେ ଜୀବନର ଅନ୍ତିମ ପରିଣାମ ବିଷୟରେ ଲକ୍ଷଣମାନ ପ୍ରକାଶ ହେବା ଆରମ୍ଭ ହୋଇଥାଏ । ଅନ୍ତିମ ପରିଣାମର ଚିନ୍ତା ଜଣେ ମୋମିନ୍‌କୁ ବିବଶ କରିଦିଏ ଯେ ସେ (କିପରି) ନିଷ୍ଠାର ସହିତ ଖୁଦାଙ୍କ ଦରବାରରେ ନତମସ୍ତକ ହେବ ଓ ତାର ସାନିଧ୍ୟ ଲାଭ କରିବ । ଏହାର ଉତମ ମାଧ୍ୟମ ହେଉଛି ନମାଜ୍ । ହଦିସ୍‌ରେ ଆସୁଛି କି ନମାଜ ହେଉଛି ଇବାଦତ୍(ଉପାସନା) ର ମଗଜ(ମୂଳତତ୍ୱ) । ଏଥିରେ ଦୁଆ ଅଛି, ବିନୟ ଓ ବ୍ୟାକୁଳ ହୋଇ ଇବାଦତ୍ କରିବାର ମୌକା ମଧ୍ୟ ଅଛି । ସୁତରାଂ ଯାହାକୁ ଏ ମଗଜ ମିଳିଯିବ ତେବେ ତା ପାଇଁ ଅନ୍ୟ ସବୁ ଜପ ଓ ପ୍ରାର୍ଥନାର କଣ ଆବଶ୍ୟକ? ସୁତରାଂ ଅନ୍‌ସାରଙ୍କୁ ଇବାଦତ୍ ଜରିଆରେ ଅଲ୍ଲାଃଙ୍କ ସହିତ ସମ୍ପର୍କ ସ୍ଥାପନ କରିବାର ଉଚ୍ଚତମ ସ୍ତର କାଏମ୍ କରି ଯୁବକ ଓ ପିଲାମାନଙ୍କ ନିମନ୍ତେ ଉଦାହରଣ ହେବା ଉଚିତ୍ । ଯେମିତି ଦେଶର କାନୁନ୍ ବ୍ୟବସ୍ଥାକୁ ଭଙ୍ଗ କରୁଥିବା ବ୍ୟକ୍ତି ଦୋଷି ରୂପେ ବିବେଚିତ ହୋଇଥାଏ ସେମିତି ନମାଜ ପାଠ କରୁନଥିବା ବ୍ୟକ୍ତି ମଧ୍ୟ ଧର୍ମୀୟ ଦୋଷି ରୂପେ ବିବେଚିତ ହୋଇଥାଏ । କଲ୍‌ମା ତୈୟବାଃ (ପବିତ୍ର କଲମା) ମୁସଲ୍‌ମାନଙ୍କ ନିମନ୍ତେ ମୌଖିକ ପ୍ରତିଜ୍ଞା ଅଟେ ଓ ନମାଜ ତାର ବ୍ୟବହାରିକ ପ୍ରତିଛବି । ମଯ୍‌ଲିସ୍ ଅନ୍‌ସାରୁଲ୍ଲାଃ ଖୁଦାତାଲାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସାହାଯ୍ୟକାରୀ ମଯ୍‌ଲିସ୍ ଅଟେ । ତେଣୁ ବ୍ୟବହାରିକ ସାହାଯ୍ୟର ପ୍ରଥମ ପଦକ୍ଷେପ ହେଉଛି ନମାଜ । ଘରେ ନମାଜ ପାଠ କରାଗଲେ ନୁତନ ପିଢ଼ୀ ମଧ୍ୟ ଏହାର ଗୁରୁତ୍ୱକୁ ମୁଣ୍ଡରେ ପୁରାଇବେ । ଇଯ୍‌ତିମାରେ ସାମିଲ୍ ହେବା ଯୋଗୁ ଅନ୍‌ସାରୁଲ୍ଲାଃ ହୋଇଯିବ ନାହିଁ । ଏଥିପାଇଁ ଖୁଦାତାଲାଙ୍କ ନିର୍ଦ୍ଦେଶଗୁଡିକ ଉପରେ ଓ ଫରାଏଜ୍ (ଧାର୍ଯ୍ୟ କରାଯାଇଥିବା କର୍ତବ୍ୟ ଗୁଡିକ) ଉପରେ ଅମଳ କରିବା ଜରୁରୀ ଅଟେ । ତେଣୁ ନମାଜ ପ୍ରତି ଧ୍ୟାନ ଦେବା ହେଉଛି ବହୁତ ଗୁରୁତ୍ୱପୁର୍ଣ୍ଣ ବିଷୟ । ଅନ୍‌ସାରୁଲ୍ଲାଃଙ୍କ ଭିତରେ ଶହେ ପ୍ରତିଶତ ଏଥିପ୍ରତି ଧ୍ୟାନ ଦେବା ଉଚିତ୍ ।

ପୁଣି ନିଜର ଧାର୍ମିକ ଜ୍ଞାନକୁ ବଢ଼ାଇବା ପାଇଁ ହଜରତ୍ ମସିହ୍ ମଉଦ୍ ଆ:ସ ଙ୍କ ପୁସ୍ତକ ଗୁଡିକୁ ଅଧ୍ୟୟନ କରିବା ପାଇଁ ଅଭ୍ୟାସରେ ପରିଣତ କରନ୍ତୁ । ଯେଉଁମାନଙ୍କ ଘରେ ପିଲାମାନେ ବଡ଼ ବୟସର ଲୋକମାନଙ୍କୁ ଦୀନି ପୁସ୍ତକ ପଢ଼ିବାର ଦେଖିଥାନ୍ତି ସେମାନେ ଛୋଟ ବୟସରେ ମଧ୍ୟ ପୁସ୍ତକ ପଢ଼ିଥାନ୍ତି । ପୁଣି ଏହି ଜ୍ଞାନ ତବ୍‌ଲିଗ୍(ପ୍ରଚାର) କ୍ଷେତ୍ରରେ ସବୁଠାରୁ ଅଧିକା କାମ ଦିଏ । ସେହିପରି ଅନ୍‌ସାରୁଲ୍ଲାଃଙ୍କ ଗୋଟିଏ ଗୁରୁତ୍ୱପୁର୍ଣ୍ଣ କାର୍ଯ୍ୟ ହେଉଛି ଖିଲାଫତ୍ ସହିତ ସଂଲଗ୍ନ ରହିବା ଓ ତାକୁ ସୁଦୃଢ଼ କରିବା ପାଇଁ ଚେଷ୍ଟା କରିବା । ପବିତ୍ର କୋରାନ୍‌ରେ ଖିଲାଫତ୍‌ର ପ୍ରତିଶୃତି ଇମାନ୍ ଆଣିଥିବା ବ୍ୟକ୍ତି ଓ ନିଷ୍ଠାର ସହିତ ସଠିକ୍ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କ ଭିତରେ ରହିବା ପାଇଁ ଦିଆଯାଇଛି । ଯେତେବେଳେ ମୋମିନ୍‌ଙ୍କ ଯମାତ୍ ଖଲିଫାଏ ଓ୍ୱକ୍ତ (ଯୁବ ଖଲିଫା)ଙ୍କ ସମ୍ପୂର୍ଣ୍ଣ ରୂପେ ଆଜ୍ଞାବହ ହୋଇଯାଏ ସେତେବେଳେ ଯମାତ୍ ଓ ଖଲିଫାଏ ଓ୍ୱକ୍ତ ମିଶି ଗୋଟିଏ ଅସ୍ତିତ୍ୱ ହୋଇଯାଆନ୍ତି । ଯମାତ୍ ଶରୀରର ଅଙ୍ଗ ଓ ଖଲିଫାଏ ଓ୍ୱକ୍ତ ହୃଦୟ ଓ ମସ୍ତିଷ୍କର ଚରିତ୍ର ବହନ କରେ । ଯେବେ ଏପରି ଭାବନା ସୃଷ୍ଟି ହୋଇଯିବ ତେବେ ପ୍ରଶ୍ନ ଉଠୁନାହିଁ ଯେ ଯମାତ୍‌ର କୌଣସି ବ୍ୟକ୍ତି ନିଜ ଫଇସଲା, ନିଜର ଜ୍ଞାନ ଓ ନିଜ କାର୍ଯ୍ୟ ପାଇଁ ଜିଦି କରିବ । ପୁଣି ଏହା ମଧ୍ୟ ମନେରଖନ୍ତୁ ଯେ ଯେପରି ଶରୀରର ଉନ୍ନତି ନିମନ୍ତେ ଏହା ଆବଶ୍ୟକ ଅଟେ କି ତାର ପ୍ରତ୍ୟେକ ଅଙ୍ଗ ଠିକ୍ ରହୁ । ଆପଣମାନେ ମଧ୍ୟ ବାସ୍ତବିକ୍ ଅନ୍‌ସାରୁଲ୍ଲାଃ ସେତେବେଳେ ବୋଲାଇବେ ଯେବେ ନିଜ ଭିତରେ ଏକ ପବିତ୍ର ପରିବର୍ତନ ସୃଷ୍ଟି କରିଦେବେ । ମାଲି କୁର୍‌ବାନୀ, ତବ୍‌ଲିଗ୍ କାର୍ଯ୍ୟ ଓ ଇବାଦତ୍‌ର ଉଚ୍ଚତମ ସ୍ତରକୁ ହାସଲ କରିବେ । ହଜରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

''ମୁଁ ବାରମ୍ବାର ଓ ଅନେକଥର କହିସାରିଛି ଯେ କେବଳ ନାମାନୁସାରେ ଆମ ଯମାତ୍ ଓ ଅନ୍ୟ ମୁସଲ୍‌ମାନ ଦୁଇଟିଯାକ ଏକା । ତୁମେ ମଧ୍ୟ ମୁସଲ୍‌ମାନ୍ ଓ ସେମାନେ ମଧ୍ୟ ମୁସଲ୍‌ମାନ୍ ବୋଲାଉଛନ୍ତି । ତୁମେ କଲ୍‌ମା ପଢୁଛ ଓ ସେମାନେ ମଧ୍ୟ କଲ୍‌ମା ପଢୁଛନ୍ତି । ତୁମେ ପବିତ୍ର କୋରାନ୍ ମୁତାବକ ପରିଚାଳିତ ହେବାର ଦାବି କରୁଛ । ସେମାନେ ମଧ୍ୟ ପବିତ୍ର କୋରାନ୍ ମୁତାବକ ପରିଚାଳିତ ହେବାର ଦାବି କରୁଛନ୍ତି । ସୁତରାଂ ଦାବିରେ ତ ତୁମେ ଓ ସେମାନେ ଦୁଇଜଣଯାକ ସମାନ । କିନ୍ତୁ ଅଲ୍ଲାଃତାଲା କେବଳ ଦାବି ଦ୍ୱାରା ଖୁସି ହୁଏନାହିଁ ବରଂ ଯେପର୍ଯ୍ୟନ୍ତ କୌଣସି ପ୍ରକାର ବାସ୍ତବିକତା ସାଥିରେ ନଥାଏ ଓ ଦାବିର ସମର୍ଥନରେ କିଛି ବ୍ୟବହାରିକ ପ୍ରମାଣ ଓ ପରିବର୍ତନର ଦଲିଲ୍ ନଥାଏ ।''

(ମଲ୍‌ଫୁଜାତ୍, ଖଣ୍ଡ-୫, ପୃଷ୍ଠା-୬୦୪)

ଅଲ୍ଲାଃତାଲା ଆପଣମାନଙ୍କୁ ନିଜ ଭିତରେ ପବିତ୍ର ସୃଷ୍ଟି କରିବା ନିମନ୍ତେ ଓ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଶିକ୍ଷା ମୁତାବକ ଜୀବନ ଅତିବାହିତ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

ଓ୍ୱସ୍‌ସଲାମ୍ ଖାକ୍‌ସାର(ଅଧମ)

ମିର୍ଜା ମସ୍‌ରୁର୍ ଅହେମଦ୍

ଖଲିଫତୁଲ୍ ମସିହିଲ୍ ଖାମିସ୍

# ଖୁତ୍‌ବା ଜୁମା

✶ଅଲ୍ଲାଃତାଲା ଯେଭଳି ଏବଂ ଯେଉଁ ସ୍ତରର ନ୍ୟାୟ ପ୍ରତିଷ୍ଠା କରିବାର ମୁସଲମାନମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି, ସେମିତି ଅନ୍ୟ କୌଣସି ଧର୍ମ ପୁସ୍ତକରେ ନାହିଁ କିନ୍ତୁ ଦୁର୍ଭାଗ୍ୟବଶତଃ ବର୍ତମାନ ପ୍ରତ୍ୟେକ ସ୍ତରରେ ମୁସଲମାନମାନଙ୍କ ମୂଖ୍ୟ ଓ ମୌଲବିମାନଙ୍କ ମଧ୍ୟରେ ଏଭଳି ବଡ଼ ଗୋଷ୍ଠୀମାନ ରହିଛନ୍ତି ଯେ ନ୍ୟାୟ (ଆଚରଣ) କରିବା ପାଇଁ ପ୍ରସ୍ତୁତ ନାହାନ୍ତି । ଏହିପରି ଘରେ, ଜନସାଧାରଣରେ ତଥା ମୁସଲମାନମାନଙ୍କ ମଧ୍ୟରେ ସାମାନ୍ୟ ପରିସ୍ଥିତିରେ ନ୍ୟାୟ ଆଚରଣ କରିବାର ଯେପରି ଅଲ୍ଲାଃତାଲା ନିର୍ଦ୍ଦେଶ ଦେଇଛନ୍ତି ଏବଂ ଜଣେ ମୋମିନ୍‌ଠାରୁ ଯାହା ଆଶା କରାଯାଇଥାଏ ତାହା ଦେଖିବାକୁ ମିଳିନଥାଏ । ଘରୋଇ କଳହ ଯୋଗୁଁ ଅନେକ ସମୟରେ ପୁରୁଷ ଓ ମହିଳାଙ୍କ ତରଫରୁ ମିଥ୍ୟା ଅଭିଯୋଗଲଗାଇ ଅଦାଲତରେ ମୁକଦ୍ଦମା କରାଯାଇଥାଏ ଏବଂ ମିଛ ସାକ୍ଷୀ ମଧ୍ୟ ଉପସ୍ଥାପନ କରାଯାଇଥାଏ । ଅସତ୍ ମାର୍ଗରେ ଅଧିକାର ନେବା କିମ୍ବା କାହାର ଅଧିକାର ଆତ୍ମସାତ କରିବା ପାଇଁ ମିଛ ସାକ୍ଷ୍ୟ ଦିଆଯାଇଥାଏ । ତେବେ ଏପରି ଲୋକେ ବହୁସଂଖ୍ୟା ରହିଛନ୍ତି ଯେ ସତ୍‌ବଚନ କହିବା ପରିବର୍ତେ ମିଥ୍ୟା କହିଥାନ୍ତି ଏବଂ ଅଦାଲତକୁ ଠକିଥାନ୍ତି ।

✶କେତେକସ୍ଥଳେ ନ୍ୟାୟବିଚାରକ ନିଜ ସ୍ୱାର୍ଥ ହାସଲ କରିବାକୁଯାଇ ଭୁଲ ନିଷ୍ପତି ମଧ୍ୟ ଦେଇଥାନ୍ତି । ତେବେ ଏପରି ସମ୍ପୂର୍ଣ୍ଣ ବ୍ୟବସ୍ଥା ହିଁ ଅପକର୍ମରେ ଜଡ଼ିତ ହୋଇଥାଏ । ପୁଣି ଜାତୀୟ ସ୍ତରରେ ପ୍ରଶାସନ ନ୍ୟାୟ ବିଚାର କରିନଥାନ୍ତି, ନା ନିଜ ଅଧିନସ୍ଥ ପ୍ରଜାମାନଙ୍କ ପାଇଁ ନ୍ୟାୟ ଆଚରଣ କରିଥାନ୍ତି । ନା ଦେଶଦେଶ ମଧ୍ୟରେ ଥିବା ପାରସ୍ପରିକ ସମ୍ପର୍କରେ ନ୍ୟାୟ ବିଚାର କରାଯାଇଥାଏ । ମୌଲବିମାନେ ଧର୍ମକୁ ନିଜ ସ୍ୱାର୍ଥ ପୂରଣ କରିବାର ମାଧ୍ୟମ ମନେକରି ବସିଛନ୍ତି ଏବଂ ଘୋଷଣା କରୁଛନ୍ତି କି ଆମେ ମୁସଲମାନ ଓ **ଖୈରେ ଉମ୍ମତ୍** ଅଟୁ ଏବଂ ଇସଲାମ ହିଁ ବିଶ୍ୱ ସମସ୍ୟାର ସବୁଠାରୁ ଉତମ ସମାଧାନ ପ୍ରଦାନ କରୁଅଛି ।

✶ନିଃସନ୍ଦେହ ମୁସଲମାନମାନେ **ଖୈରେ ଉମ୍ମତ୍** ଯଦି ସେମାନେ ଅଲ୍ଲାଃଙ୍କ ଆଦେଶ ମୁତାବକ ଏବଂ ପବିତ୍ର କୋରାନର ଶିକ୍ଷା ମୁତାବକ ଅମଳ କରନ୍ତି । ନିଃସନ୍ଦେହ ଇସଲାମ ହିଁ ସମସ୍ତ ପ୍ରକାର ସମସ୍ୟା ସମାଧାନର ବାଟ ଦେଖାଇଥାଏ କିନ୍ତୁ ସର୍ତ ଏହି କି ଯେ, ଏହାର ଶିକ୍ଷା ମୁତାବକ ସତ୍ୟ ଓ ନ୍ୟାୟକୁ ପ୍ରତିଷ୍ଠା କରିବା ଆବଶ୍ୟକ ।

✶ଆଜିକାଲି ସମାଜରେ ଅନେକ ଏପରି ସମସ୍ୟା ଏଥିପାଇଁ ଉପୁଯୁଛି କି (ଲୋକଙ୍କ) ମଧ୍ୟରେ ସତ୍ୟ ଓ ନ୍ୟାୟ ଆଚରଣ ବାକିରହି ନାହିଁ ଯାହାକି ଅଲ୍ଲାଃତାଲା (ସେମାନଙ୍କ)ଠାରୁ ଇଚ୍ଛା କରୁଛନ୍ତି । ନିଜ କଥାକୁ ବୁଲାଇ ବଙ୍କାଇ(ସୁନ୍ଦର ଶୈଳୀରେ) ଉପସ୍ଥାପନ କରିବା ସାଧାରଣ ହୋଇଗଲାଣି ।

✶ଯେଉଁ ଇମାମ୍‌ଙ୍କୁ ଆମେ ସ୍ୱୀକାର କରିଛେ ସେ ତ ପବିତ୍ର କୋରାନର ଆଦେଶ ମୁତାବକ ଅମଳ କରିବାର ଏଭଳି ଉଦାହରଣ ଛାଡ଼ିଯାଇଛନ୍ତି ଯାହାକି ଅଣଅହେମଦିମାନଙ୍କୁ ମଧ୍ୟ ଆଚମ୍ଭିତ ଓ ଚିନ୍ତିତ କରିଦେଇଥାଏ । ଯେପରି ଏକଦା ହଜରତ ମସିହ ମଉଦ ଆ.ସଙ୍କୁ ନିଜ ପିତା ଓ କୃଷକ ସମ୍ପ୍ରଦାୟଙ୍କ ବିରୋଧରେ ଚାଲିଥିବା ଏକ ମୁକଦ୍ଦମାରେ ସାକ୍ଷ୍ୟ ଦେବାକୁ ପଡ଼ିଲା ଏବଂ ଆପଣ ପୂର୍ଣ୍ଣ ସତ୍ୟନିଷ୍ଠାର ସହିତ ସାକ୍ଷ୍ୟ ଦେଲେ ଯଦ୍ୱାରା କୃଷକମାନଙ୍କର ଲାଭ ହେଲା ଓ ଆପଣଙ୍କ ପିତାଙ୍କର କ୍ଷତି ହେଲା । ଅତଃ ହଜରତ ମହମ୍ମଦ ସ.ଆଙ୍କ ପ୍ରକୃତ ଦାସ ଯାହାଙ୍କୁ ଆମେ ସ୍ୱୀକାର କରିଛେ ତାଙ୍କର ନମୁନା ତ ଏପରି ଅଟେ । ସୁତରାଂ ଆମକୁ ଉକ୍ତ ନମୁନାଗୁଡ଼ିକୁ ନିଜ ସମ୍ମୁଖରେ ରଖି ପ୍ରତ୍ୟେକ ମାମଲାରେ ନିଜ ସାକ୍ଷ୍ୟ ଦେବାର ଅନୁଧ୍ୟାନ କରିବା ଉଚିତ ।

✶ଯଦି ନିୟତ ପବିତ୍ର ଥିବ ଏବଂ ଅଲ୍ଲାଃଙ୍କ ଖାତିର୍ ସାକ୍ଷୀ ଦେବା ପାଇଁ ନ୍ୟାୟର ମାର୍ଗକୁ ସୁଦୃଢ ଭାବରେ ଧରିରଖିବା ଏବଂ ପୂର୍ଣ୍ଣ ସତ୍ୟନିଷ୍ଠାର ସହିତ ସାକ୍ଷ୍ୟ ଦେବ ତେବେ ଅଲ୍ଲାଃ ଯେ କି ଆମର ପାଳନକର୍ତା ଏବଂ ରାଜିକ୍ (ପୋଷଣକର୍ତା) ସ୍ୱୟଂ ସେ ଆମ ରୋଜଗାରରେ ବରକତ୍ ପ୍ରଦାନ କରିବେ । ଅତଏବ ଆତ୍ମକୁ ପ୍ରତ୍ୟେକ ମୁହୂର୍ତରେ ନିଜର ନିରୀକ୍ଷଣ କରିବା ଉଚିତ୍ । ଯଦି ଆମେ ନ୍ୟାୟ ବିଚାରର ଏଭଳି ସ୍ତର ହାସଲ କରିବାକୁ ଚେଷ୍ଟା କରିବା ନାହିଁ ତେବେ ନା ଘରର ଶାନ୍ତି ଓ ସୌନ୍ଦର୍ଯ୍ୟ ବାକି ରହିବ ନା ସମାଜର ଶାନ୍ତି, ସଦ୍‌ଭାବନା ପ୍ରତିଷ୍ଠିତ ରହିବ ।

✶ଜଣେ ସଚ୍ଚୋଟ ମୋମିନ୍‌ର କର୍ତବ୍ୟ କି ଅଲ୍ଲାଃଙ୍କ ଆଦେଶକୁ ଦୃଢ ହସ୍ତରେ ଧରିରଖି ସେଥିରେ ପ୍ରତିଷ୍ଠିତ ରହିବା ସହିତ ସେଥିରେ ତିଳେ ମାତ୍ର ଅବହେଳା ପ୍ରଦର୍ଶନ କରିବ ନାହିଁ । ନ୍ୟାୟସଙ୍ଗତ ଭାବରେ ସାକ୍ଷ୍ୟ ପ୍ରଦାନ କରିବା ଅର୍ଥ ଇସଲାମୀୟ ଶିକ୍ଷା ମୁତାବକ ଏଭଳି ନିଜକୁ ବାନ୍ଧିରଖ କି ତୁମର ଅମଳ ସମାଜ, ଅନ୍ୟଧର୍ମାବଲମ୍ବୀ ଓ ଲୋକମାନଙ୍କ ନିମନ୍ତେ ଏକ ଉଦାହରଣ ପାଲଟିଯିବ ତଥା ଅନ୍ୟ ଧର୍ମ ପାଇଁ ମଧ୍ୟ ଉଦାହରଣ ପାଲଟିଯିବ ।

✶ଏହା ବହୁତ ବଡ଼ ଦୁଃଖର କଥା ମୁସଲମାନମାନେ ହିଁ ନିଜ କାର୍ଯ୍ୟକଳାପ ଦ୍ୱାରା ଇସଲାମକୁ ବଦନାମ୍ କରୁଛନ୍ତି । ପ୍ରଶାସନ ଜନସାଧାରଣଙ୍କ ଅଧିକାର ମାରି ସେମାନଙ୍କ ଶୋଷଣ କରୁଅଛି ଏବଂ ଜନସାଧାରଣ ପ୍ରଶାସନ ସହ ଲଢୁଛନ୍ତି । ସମଗ୍ର ଜନସମାଜ ଅତ୍ୟାଚାରର ଶିକାର ହୋଇ ଧ୍ୱସଂ ହୋଇଚାଲିଛି । ନାମକୁ ମାତ୍ର ମୁସଲମାନ ବୋଲାଉଥିବା ଗୋଷ୍ଠୀସମୂହ ନିଜ ଲୋକମାନଙ୍କୁ ହତ୍ୟା କରୁଛନ୍ତି । ପୁଣି ଅନ୍ୟ ଦେଶମାନଙ୍କରେ ମଧ୍ୟ ଅନ୍ୟାୟ ଅତ୍ୟାଚାର କରୁଛନ୍ତି ଏବଂ ନିଜ ଅନ୍ୟାୟକୁ Justify କରିବା ପାଇଁ କହିଥାନ୍ତି କି ଏମାନେ ଆମ ଲୋକମାନଙ୍କୁ ହତ୍ୟା କରିଛନ୍ତି ।

✶ମୋକରମ୍ ହସମ୍ ମହମ୍ମଦ୍ ଖାନ୍ ଆରିଫ୍ ସାହେବ୍ ପୂର୍ବତନ ଓକିଲୁଲ୍ ତବ୍‌ଶିର୍ ରବ୍‌ୱାଙ୍କର କାନାଡ଼ାରେ ମୃତ୍ୟୁ, ମରହୁମ୍‌ଙ୍କର ଉତମ ଗୁଣର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ପାଠ ।

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ

## (ପ୍ରଦତ୍ତ: ୧୦ ନଭେମ୍ବର ୨୦୧୭ ଅନୁଯାୟୀ ୧୦ ନବୁଓ୍ୱତ୍ ୧୩୯୬ ହିଜରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ـ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ـ
اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ـ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ ନିମ୍ନୋକ୍ତ ପଙ୍କ୍ତିଂ ପାଠ କରି କହିଲେ- **ୟା ଆୟୁହଲ୍ ଲଜିନା ଆମନୁ କୁନୁ କଓ୍ୱାମିଈନା ବିଲ୍ କିସ୍‌ତି ଶୁହଦାଆ ଲିଲ୍ଲାହି ଓ୍ୱଲୌଆଲା ଅନ୍‌ଫୁସିକୁମ୍ ଅଓ୍ୱିଲ୍ ଓ୍ୱାଲିଦୈନି ଓ୍ୱଲ୍ ଅକ୍‌ରବିନ୍ ଇଁୟକୁ ଗନିୟାନ୍ ଅଓ୍ୱ ଫକିରାନ୍ ଫାଲ୍‌ଲାହୁ ଅଓ୍ୱଲା ବିହିମା । ଫମାତତ୍ ତବିଉଲ୍ ହଓ୍ୱା ଅନ୍‌ତାଦିଲୁ ଓ୍ୱଇନ୍ ତଲଉ ଅଓ୍ୱ ତୁରିଜୁ ଫଇନ୍ନଲ୍‌ଲାହା କାନା ବିମା ତାମଲୁନା ଖବିରା** (ସୁରେ ନିସା - ୧୩୬) **ୟା ଆୟୁହଲ୍ ଲଜିନା ଆମନୁ କୁନୁ କଓ୍ୱାମିଈନା ଲିଲ୍ଲାହି ଶୁହଦାଆ ବିଲ୍‌କିସ୍ତ୍ ଓ୍ୱଲା ୟଜ୍‌ରିମନ୍ନକୁମ୍ ଶନାଆନୁ କୌମିନ୍ ଅଲା ଅଲ୍ଲା ତାଦିଲୁ ଇଦିଲୁ ହୁଓ୍ୱା ଅକ୍‌ରବୁ ଲିତ୍‌ତକଓ୍ୱା ଓ୍ୱତ୍‌ତକୁଲ୍ଲାଃ । ଇନ୍ନଲ୍ ଲ୍ଲାହା ଖବିରୁମ୍ ବିମା ତାମଲୁନ୍** (*ମାଏଦାଃ - ୯*) **ଓ୍ୱ ମିମ୍ ମନ୍ ଖଲକ୍‌ନା ଉମ୍ମତୁଇଁ ୟହ୍‌ଦୁନା ବିଲ୍ ହକ୍‌କି ଓ୍ୱବିହି ୟାଦିଲୁନ୍** (*ଆରାଫ୍ - ୧୮୨*) କହିଲେ ଅଲ୍ଲାଃତାଲା ଯେଭଳି ଏବଂ ଯେଉଁ ସ୍ତରର ନ୍ୟାୟ ପ୍ରତିଷ୍ଠା କରିବାର ମୁସଲମାନମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି, ସେମିତି ଅନ୍ୟ କୌଣସି ଧର୍ମ ପୁସ୍ତକରେ ନାହିଁ କିନ୍ତୁ ଦୁର୍ଭାଗ୍ୟବଶତଃ ବର୍ତମାନ ପ୍ରତ୍ୟେକ ସ୍ତରରେ

ମୁସଲମାନମାନଙ୍କ ମୁଖ୍ୟ ଓ ମୌଲବିମାନଙ୍କ ମଧ୍ୟରେ ଏଭଳି ବଡ଼ ଗୋଷ୍ଠୀମାନ ରହିଛନ୍ତି ଯେ ନ୍ୟାୟ (ଆଚରଣ) କରିବା ପାଇଁ ପ୍ରସ୍ତୁତ ନାହାନ୍ତି । ଏହିପରି ଘରେ, ଜନସାଧାରଣରେ ତଥା ମୁସଲମାନମାନଙ୍କ ମଧ୍ୟରେ ସାମାନ୍ୟ ପରିସ୍ଥିତିରେ ନ୍ୟାୟ ଆଚରଣ କରିବାର ଯେପରି ଅଲ୍ଲାଃତାଲା ନିର୍ଦ୍ଦେଶ ଦେଇଛନ୍ତି ଏବଂ ଜଣେ ମୋମିନ୍‌ଠାରୁ ଯାହା ଆଶା କରାଯାଇଥାଏ ତାହା ଦେଖିବାକୁ ମିଳିନଥାଏ । ଘରୋଇ କଳହ ଯୋଗୁଁ ଅନେକ ସମୟରେ ପୁରୁଷ ଓ ମହିଳାଙ୍କ ତରଫରୁ ମିଥ୍ୟା ଅଭିଯୋଗଲାଗି ଅଦାଲତରେ ମୁକଦ୍ଦମା କରାଯାଇଥାଏ ଏବଂ ମିଛ ସାକ୍ଷୀ ମଧ୍ୟ ଉପସ୍ଥାପନ କରାଯାଇଥାଏ । ଅସତ୍ ମାର୍ଗରେ ଅଧିକାର ନେବା କିମ୍ବା କାହାର ଅଧିକାର ଆତ୍ମସାତ କରିବା ପାଇଁ ମିଛ ସାକ୍ଷ୍ୟ ଦିଆଯାଇଥାଏ । ତେବେ ଏପରି ଲୋକେ ବହୁସଂଖ୍ୟା ରହିଛନ୍ତି ଯେ ସତ୍‌ବଚନ କହିବା ପରିବର୍ତ୍ତେ ମିଥ୍ୟା କହିଥାନ୍ତି ଏବଂ ଅଦାଲତକୁ ଠକିଥାନ୍ତି । କେତେକସ୍ଥଳେ ନ୍ୟାୟବିଚାରକ ନିଜ ସ୍ୱାର୍ଥ ହାସଲ କରିବାକୁଯାଇ ଭୂଲ ନିଷ୍ପତି ମଧ୍ୟ ଦେଇଥାନ୍ତି । ତେବେ ଏପରି ସମ୍ପୂର୍ଣ୍ଣ ବ୍ୟବସ୍ଥା ହିଁ ଅପକର୍ମରେ ଜଡ଼ିତ ହୋଇଥାଏ । ପୁଣି ଜାତୀୟ ସ୍ତରରେ ପ୍ରଶାସନ ନ୍ୟାୟ ବିଚାର କରିନଥାନ୍ତି, ନା ନିଜ ଅଧିନସ୍ଥ ପ୍ରଜାମାନଙ୍କ ପାଇଁ ନ୍ୟାୟ ଆଚରଣ କରିଥାନ୍ତି । ନା ଦେଶଦେଶ ମଧ୍ୟରେ ଥିବା ପାରସ୍ପରିକ ସମ୍ପର୍କରେ ନ୍ୟାୟ ବିଚାର କରାଯାଇଥାଏ । ମୌଲବିମାନେ ଧର୍ମକୁ ନିଜ ସ୍ୱାର୍ଥ ପୂରଣ କରିବାର ମାଧ୍ୟମ ମନେକରି ବସିଛନ୍ତି ଏବଂ ଘୋଷଣା କରୁଛନ୍ତି କି ଆମେ ମୁସଲମାନ ଓ **ଖୈରେ ଉମ୍ମତ୍** ଅଟୁ ଏବଂ ଇସଲାମ ହିଁ ବିଶ୍ୱ ସମସ୍ୟାର ସବୁଠାରୁ ଉତମ ସମାଧାନ ପ୍ରଦାନ କରୁଅଛି । ନିଃସନ୍ଦେହ ମୁସଲମାନମାନେ **ଖୈରେ ଉମ୍ମତ୍** ଯଦି ସେମାନେ ଅଲ୍ଲାଃଙ୍କ ଆଦେଶ ମୁତାବକ ଏବଂ ପବିତ୍ର କୋରାନର ଶିକ୍ଷା ମୁତାବକ ଅମଲ କରନ୍ତି । ନିଃସନ୍ଦେହ ଇସଲାମ ହିଁ ସମସ୍ତ ପ୍ରକାର ସମସ୍ୟା ସମାଧାନର ବାଟ ଦେଖାଇଥାଏ କିନ୍ତୁ ସର୍ତ ଏହି କି ଯେ, ଏହାର ଶିକ୍ଷା ମୁତାବକ ସତ୍ୟ ଓ ନ୍ୟାୟକୁ ପ୍ରତିଷ୍ଠା କରିବା ଆବଶ୍ୟକ ।

ହଜୁର ଅନଓ୍ୱର ଅ.ବ କହିଲେ- ପ୍ରାରମ୍ଭରେ ମୁଁ ଯେଉଁ ପଙ୍କ୍ତି ପାଠ କରିଆସିଲି ତାହା ତିନୋଟି ଭିନ୍ନ ସୁରାଃର ଅଟେ ଅର୍ଥାତ ସୁରାଃ ନିସା, ସୁରାଃ ମାଏଦା ଓ ସୁରାଃ ଆରାଫ୍ । ପ୍ରଥମ ପଙ୍କ୍ତି (ସୁରାଃ ନିସା)ର ଅନୁବାଦ ଏପରିକି- ହେ ବିଶ୍ୱାସକାରୀମାନେ ତୁମେମାନେ ନ୍ୟାୟ ବିଚାରରେ ସମ୍ପୂର୍ଣ୍ଣ ଭାବେ ସୁଦୃଢ ରହି ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ସାକ୍ଷ୍ୟ ପ୍ରଦାନକାରୀ ହୋଇଯାଅ ଯଦିଚ ଏହା ତୁମମାନଙ୍କ ବିରୁଦ୍ଧରେ ବା ତୁମମାନଙ୍କ ପିତାମାତା ଓ ନିକଟ ସମ୍ପର୍କୀୟଙ୍କ ବିରୁଦ୍ଧରେ ହେଉଥାଏ । ସେ ସମ୍ଭ୍ରାନ୍ତ ଶ୍ରେଣୀର ହେଉ ଅବା ଗରିବ ଶ୍ରେଣୀର ଅଲ୍ଲାଃତାଲା ହିଁ (ସମସ୍ତଙ୍କ)ର ଶୁଭାକାଂକ୍ଷୀ ଅଟନ୍ତି । ସୁତରାଂ ନ୍ୟାୟ ପ୍ରଦାନ କରିବା ପରିବର୍ତ୍ତେ ନିଜ କୁପ୍ରବୃତିର ଅନୁସରଣ କର ନାହିଁ । ଯଦି ତୁମେ ସତ୍ୟକୁ ଗୋପନ ରଖିବ ବା (ସତ୍ୟକୁ) ଏଡ଼ାଇ ଦେବ ତେବେ (ମନେରଖ) ତୁମେମାନେ ଯାହା କିଛି କରୁଅଛ ଅଲ୍ଲାଃ ସେ ବିଷୟରେ ନିଶ୍ଚିୟ ଅବଗତ ଅଛନ୍ତି ।

ଅତଃ ଏହା ଏପରି ଆଦେଶ ଯାହା ନ୍ୟାୟର ସ୍ତର ନିର୍ଦ୍ଧାରଣ କରିଥାଏ । ପାରିବାରିକ ମାମଲାରେ ତଥା ସାମାଜିକ ମାମଲାରେ ଯେଭଳି ପରିସ୍ଥିତି ହେଉନା କାହିଁକି ସର୍ବଦା ନ୍ୟାୟ କରିବାରେ ପ୍ରତିଷ୍ଠିତ ରୁହ । ମୋମିନ୍ ପାଇଁ ଏହି ନିର୍ଦ୍ଦେଶ ରହିଛି କି ଅଲ୍ଲାଃଙ୍କ ଖାତିର୍ ଓ ତାଙ୍କ ଆଦେଶ ମୁତାବକ ସାକ୍ଷ୍ୟ ଦେବା ଉଚିତ୍ ଏବଂ ଏହା ସେତେବେଳେ ସମ୍ଭବ ଯେତେବେଳେ ଅଲ୍ଲାଃଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରଖିବା ସହିତ ବିଶ୍ୱାସର ସର୍ବୋଚ୍ଚ ସ୍ତରରେ ପ୍ରତିଷ୍ଠିତ ଓ ସୁଦୃଢ ରହିଥିବ । ବିଶ୍ୱାସ ସୁଦୃଢ ହେବା ସେତେବେଳେ ଜଣାଯାଇଥାଏ ଯେତେବେଳେ ମଣିଷ ନିଜ, ନିଜ ସ୍ତ୍ରୀ/ପିଲା ଓ ପିତାମାତାଙ୍କ ବିରୁଦ୍ଧରେ ଆବଶ୍ୟକ ପଡ଼ିଲେ ସାକ୍ଷ୍ୟ ଦେବା ପାଇଁ ପ୍ରସ୍ତୁତ ହୋଇଯାଏ ତଥା ନିକଟ ସମ୍ପର୍କୀୟଙ୍କ ବିରୁଦ୍ଧରେ ମଧ୍ୟ ସାକ୍ଷ୍ୟ ଦେବାକୁ ପ୍ରସ୍ତୁତ ହୋଇଯାଇଥାଏ । ଆପଣ କହିଲେ ଯଦି କାମନା ପୂରଣ କରିବାର ବଶବର୍ତୀ ହୋଇଯାଅ ତେବେ ନ୍ୟାୟ ଆଚରଣରୁ (ନିଶ୍ଚିତ ଭାବରେ) ଦୂରେଇଯିବ । ଆଜିକାଲି ସମାଜରେ ଅନେକ ଏପରି ସମସ୍ୟା ଏଥିପାଇଁ ଉପୁଜୁଛି କି (ଲୋକଙ୍କ) ମଧ୍ୟରେ ସତ୍ୟ ଓ ନ୍ୟାୟ ଆଚରଣ ବାକିରହି ନାହିଁ ଯାହାକି ଅଲ୍ଲାଃତାଲା (ସେମାନଙ୍କ)ଠାରୁ ଇଚ୍ଛା କରୁଛନ୍ତି । ନିଜ କଥାକୁ ବୁଲାଇ ବଙ୍କାଇ(ସୁନ୍ଦର ଶୈଳୀରେ) ଉପସ୍ଥାପନ କରିବା ସାଧାରଣ ହୋଇଗଲାଣି ।

ଦୁଃଖ ଏଥିପାଇଁ ଲାଗେ କି ଆମମାନଙ୍କ ମଧ୍ୟରୁ କେତେକ ହଜରତ ମସିହ ମଉଦ ଆ.ସଙ୍କ ବୟତରେ ଅନ୍ତର୍ଭୁକ୍ତ ହେବା ସତ୍ୱେ ସମାଜର ପ୍ରଭାବ ଓ ସଂସାରପ୍ରେମ ଯୋଗୁଁ ଏଭଳି କିଛି କଥା ଓ ସାକ୍ଷ୍ୟ ଦେଇଥାନ୍ତି ଯାହାକି ସତ୍ୟତାରୁ ବହୁ ଦୂରରେ ରହିଥାଏ । ଅଲ୍ଲାଃତାଲା ତ କହିଛନ୍ତି ଯଦିଚ ନିଜର କିମ୍ବା ନିଜ ପିତାମାତାଙ୍କର ମଧ କିଛି କ୍ଷତିହୁଏ ତଥାପି ଏଭଳି କଥା କୁହ ନାହିଁ ଯାହାକି ସତ୍ୟକୁ ଗୋପନ ରଖୁଥିବ ଓ ନିଜକୁ (ଉକ୍ତ ମାମଲାରୁ) ଦୂରେଇ ରଖୁଥିବ କି ସତ୍ୟ ସାକ୍ଷ୍ୟରୁ ରକ୍ଷାପାଇବା ପାଇଁ ଚେଷ୍ଟା କରାଯାଉଥିବ । ଏସବୁ ଆମେ ପ୍ରତିଦିନର ମାମଲାରେ ଦେଖୁଅଛୁ ଉଦାହରଣସ୍ୱରୂପ ପତିପତ୍ନୀଙ୍କ ମାମଲା, ଏପରି ଅନେକ ମାମଲା କଜାକୁ ଆସିଥାଏ ଯେଉଁଥିରେ ସତ୍ୟକୁ ଗୋପନ ରଖାଯାଇଥାଏ । (ଅର୍ଥ) ଦେବାନେବା ମାମଲାରେ ମଧ୍ୟ ସେହି ସମାନ କଥା ଦେଖିବାକୁ ମିଳିଥାଏ । କେତେକ ଧାର୍ମିକ ଜ୍ଞାନ ରଖୁଥିବା ଓ ସେବା କାର୍ଯ୍ୟରେ ଆଗ (ଧାଡ଼ି)ରେ ଥିବା ଲୋକେ ମଧ୍ୟ ଏପରି ହରକତ କରିବସିଥାନ୍ତି କି ମଣିଷ ବ୍ୟାକୁଳ ହୋଇଉଠେ କି ଏପରି ଜ୍ଞାନୀ, ଗୁଣୀ ଓ ବିଦ୍ୱାନ ଲୋକେ ମଧ୍ୟ ଏଭଳି କଥା କହିପାରନ୍ତି ।

ଯେଉଁ ଇମାମ୍‌ଙ୍କୁ ଆମେ ସ୍ୱୀକାର କରିଛେ ସେ ତ ପବିତ୍ର କୋରାନର ଆଦେଶ ମୁତାବକ ଅମଲ କରିବାର ଏଭଳି ଉଦାହରଣ ଛାଡ଼ିଯାଇଛନ୍ତି ଯାହାକି ଅଣଅହେମଦିମାନଙ୍କୁ ମଧ୍ୟ ଆଚମ୍ଭିତ ଓ ଚିନ୍ତିତ କରିଦେଇଥାଏ । ଯେପରି ଏକଦା ହଜରତ ମସିହ ମଉଦ ଆ.ସଙ୍କୁ ନିଜ ପିତା ଓ କୃଷକ ସମ୍ପ୍ରଦାୟଙ୍କ ବିରୋଧରେ ଚାଲିଥିବା ଏକ ମୁକଦ୍ଦମାରେ ସାକ୍ଷ୍ୟ ଦେବାକୁ ପଡ଼ିଲା ଏବଂ ଆପଣ ପୂର୍ଣ୍ଣ ସତ୍ୟନିଷ୍ଠାର ସହିତ ସାକ୍ଷ୍ୟ ଦେଲେ ଯଦ୍ଦ୍ୱାରା କୃଷକମାନଙ୍କର ଲାଭ ହେଲା ଓ ଆପଣଙ୍କ ପିତାଙ୍କର କ୍ଷତି ହେଲା । ଅତଃ ହଜରତ ମହମ୍ମଦ ସ.ଆଙ୍କ ପ୍ରକୃତ ଦାସ ଯାହାଙ୍କୁ ଆମେ ସ୍ୱୀକାର କରିଛେ ତାଙ୍କର ନମୁନା ତ ଏପରି ଅଟେ । ସୁତରାଂ ଆମକୁ ଉକ୍ତ ନମୁନାଗୁଡ଼ିକୁ ନିଜ ସମ୍ମୁଖରେ ରଖି ପ୍ରତ୍ୟେକ ମାମଲାରେ ନିଜ ସାକ୍ଷ୍ୟ ଦେବାର ଅନୁଧ୍ୟାନ କରିବା ଉଚିତ୍

ହଜୁର ଅନଓ୍ୱର ଅ.ବ କହିଲେ- ଯଦି ନିୟତ ପବିତ୍ର ଥିବ ଏବଂ ଅଲ୍ଲାଃଙ୍କ ଖାତିର୍ ସାକ୍ଷୀ ଦେବା ପାଇଁ ନ୍ୟାୟର ମାର୍ଗକୁ ସୁଦୃଢ ଭାବରେ ଧରିରଖିବା ଏବଂ ପୂର୍ଣ୍ଣ ସତ୍ୟନିଷ୍ଠାର ସହିତ ସାକ୍ଷ୍ୟ ଦେବ ତେବେ ଅଲ୍ଲାଃ ଯେ କି ଆମର ପାଳନକର୍ତା ଏବଂ ରାଜିକ୍ (ପୋଷଣକର୍ତା) ସ୍ୱୟଂ ସେ ଆମ ରୋଜଗାରରେ ବରକତ୍ ପ୍ରଦାନ କରିବେ । ଅତଏବ ଆମକୁ ପ୍ରତ୍ୟେକ ମୁହୂର୍ତରେ ନିଜର ନିରୀକ୍ଷଣ କରିବା ଉଚିତ୍ । ଯଦି ଆମେ ନ୍ୟାୟ ବିଚାରର ଏଭଳି ସ୍ତର ହାସଲ କରିବାକୁ ଚେଷ୍ଟା କରିବା ନାହିଁ ତେବେ ନା ଘରର ଶାନ୍ତି ଓ ସୌନ୍ଦର୍ଯ୍ୟ ବାକି ରହିବ ନା ସମାଜର ଶାନ୍ତି, ସଦ୍‌ଭାବନା ପ୍ରତିଷ୍ଠିତ ରହିବ । ସୁରାଃ ମାଏଦାର ନବମ ପଙ୍କ୍ତି ଯାହା ଖୁତବାର ପ୍ରାରମ୍ଭରେ ମୁଁ ପାଠ କରିଥିଲି ତାହାର ଅନୁବାଦ ଏପରିକି ହେ ବିଶ୍ୱାସକାରୀମାନେ! ତୁମେମାନେ ନ୍ୟାୟସଙ୍ଗତ ଭାବରେ ସାକ୍ଷ୍ୟ ପ୍ରଦାନ କରି ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଦୃଢ ରୁହ ଏବଂ କୌଣସି ସମ୍ପ୍ରଦାୟର ଶତ୍ରୁତା ତୁମମାନଙ୍କୁ ନ୍ୟାୟ ଭିନ୍ନ ଅନ୍ୟଥା କିଛି କରିବାକୁ କଦାପି ନପ୍ରବର୍ତାଉ । ନ୍ୟାୟ କର ତାହା ଧର୍ମପରାୟଣତାର ଅଧିକ ନିକଟବର୍ତୀ ଏବଂ ଅଲ୍ଲାଃଙ୍କୁ ଭୟ କର । ବାସ୍ତବରେ ଅଲ୍ଲାଃ ସେ ସମସ୍ତ ବିଷୟରେ ଅବଗତ ଯାହା ତୁମେ କରୁଅଛ ।

ହଜୁର ଅନଓ୍ୱର ଅ.ବ କହିଲେ- କେତେକ ସ୍ଥାନରେ ଧାର୍ମିକ ବିବାଦ ହୋଇଥାଏ ଏବଂ ଏତତ୍ ଦ୍ୱାରା ଅନ୍ୟ ଧର୍ମାବଲମ୍ବୀମାନେ ଅତ୍ୟାଚାର କରିଥାନ୍ତି ତେବେ ଏପରି ପରିସ୍ଥିତିରେ ଜଣେ ମୋମିନ୍‌ର କର୍ତବ୍ୟ ନୁହେଁ କି ସେ ଗୋଷ୍ଠୀ ଓ ଅନ୍ୟଧର୍ମାବଲମ୍ବୀମାନଙ୍କ ଅତ୍ୟାଚାରର ପ୍ରତିଶୋଧ ସେହିପରି ନେବା ସହିତ ନ୍ୟାୟ ବିଚାରକୁ ହାତଛଡ଼ା କରିଦେବ । ଜଣେ ସଚ୍ଚୋଟ ମୋମିନ୍‌ର କର୍ତବ୍ୟ କି ଅଲ୍ଲାଃଙ୍କ ଆଦେଶକୁ ଦୃଢ ହସ୍ତରେ ଧରିରଖି ସେଥିରେ ପ୍ରତିଷ୍ଠିତ ରହିବା ସହିତ ସେଥିରେ ତିଳେ ମାତ୍ର ଅବହେଳା ପ୍ରଦର୍ଶନ କରିବ ନାହିଁ । ନ୍ୟାୟସଙ୍ଗତ ଭାବରେ ସାକ୍ଷ୍ୟ ପ୍ରଦାନ କରିବା ଅର୍ଥ ଇସଲାମୀୟ ଶିକ୍ଷା ମୁତାବକ ଏଭଳି ନିଜକୁ ବାନ୍ଧିରଖ କି ତୁମର ଅମଲ ସମାଜ, ଅନ୍ୟଧର୍ମାବଲମ୍ବୀ ଓ ଲୋକମାନଙ୍କ ନିମନ୍ତେ ଏକ ଉଦାହରଣ ପାଲଟିଯିବ ତଥା ଅନ୍ୟ ଧର୍ମ ପାଇଁ ମଧ୍ୟ ଉଦାହରଣ ପାଲଟିଯିବ ।

ଆଜିକାଲି ମୁସଲମାନମାନଙ୍କ ଅନ୍ୟାୟ ସମ୍ବନ୍ଧରେ ପାଶ୍ଚାତ୍ୟ ଦେଶମାନଙ୍କରେ ଅନେକ କିଛି ଚର୍ଚ୍ଚା ଚାଲିଛି କି ଯେଉଁମାନେ ନିଜ ସମ୍ପ୍ରଦାୟର ଲୋକମାନଙ୍କ ସହ ନ୍ୟାୟ ଆଚରଣ କରୁନାହାନ୍ତି ସେମାନେ ଅନ୍ୟମାନଙ୍କ ସହ କିଭଳି ନ୍ୟାୟ ଆଚରଣ କରିବେ । ଏହା ବହୁତ ବଡ଼ ଦୁଃଖର କଥା ମୁସଲମାନମାନେ

ହିଁ ନିଜ କାର୍ଯ୍ୟକଳାପ ଦ୍ୱାରା ଇସଲାମକୁ ବଦନାମ୍ କରୁଛନ୍ତି । ପ୍ରଶାସନ ଜନସାଧାରଣଙ୍କ ଅଧିକାର ମାରି ସେମାନଙ୍କ ଶୋଷଣ କରୁଅଛି ଏବଂ ଜନସାଧାରଣ ପ୍ରଶାସନ ସହ ଲଢୁଛନ୍ତି । ସମଗ୍ର ଜନସମାଜ ଅତ୍ୟାଚାରର ଶିକାର ହୋଇ ଧ୍ୱଂସ ହୋଇଚାଲିଛି । ନାମକୁ ମାତ୍ର ମୁସଲମାନ ବୋଲାଉଥିବା ଗୋଷ୍ଠୀସମୂହ ନିଜ ଲୋକମାନଙ୍କୁ ହତ୍ୟା କରୁଛନ୍ତି । ପୁଣି ଅନ୍ୟ ଦେଶମାନଙ୍କରେ ମଧ୍ୟ ଅନ୍ୟାୟ ଅତ୍ୟାଚାର କରୁଛନ୍ତି ଏବଂ ନିଜ ଅନ୍ୟାୟକୁ Justify କରିବା ପାଇଁ କହିଥାନ୍ତି କି ଏମାନେ ଆମ ଲୋକମାନଙ୍କୁ ହତ୍ୟା କରିଛନ୍ତି ।

ହଜୁର ଅନଓ୍ୱର ଅ.ବ କହିଲେ- ତେବେ ସେ ଯାହା ହେଉ ଗୋଷ୍ଠୀସମୂହର ଏହି ଶତ୍ରୁତା ଭବିଷ୍ୟତରେ ପାରସ୍ପରିକ ଶତ୍ରୁତାକୁ ଅଧିକ ଦୃଢିଭୂତ କରିଥାଏ । ଯେପରି ଶତ୍ରୁତାର ବଂଶବୃଦ୍ଧି ହୋଇଚାଲିଛି ଏବଂ ତାହାର ଅନ୍ତ ହେବ ନାହିଁ । ତେଣୁକରି ଅଲ୍ଲାଃ କହିଲେ କୌଣସି ସମ୍ପ୍ରଦାୟର ଶତ୍ରୁତା ତୁମମାନଙ୍କୁ ନ୍ୟାୟ ଭିନ୍ନ ଅନ୍ୟଥା କରିବାକୁ କଦାପି ନପ୍ରବର୍ତାଉ । ନ୍ୟାୟ ବିଚାର ନକରିବା ହେତୁ (ସମସ୍ତ ପ୍ରକାରର) ଅତ୍ୟାଚାର ବଢିଚାଲିଛି ସୁତରାଂ ତୁମେ ଯେଭଳି ପରିସ୍ଥିତିର ସମ୍ମୁଖୀନ ହୁଅନା କାହିଁକି ନ୍ୟାୟ ପ୍ରଦର୍ଶନ କରିବା ଅନିର୍ବାର୍ଯ୍ୟ ଏବଂ ଯେଉଁ ଅଣମୁସଲମାନମାନେ ଆମ ବିରୁଦ୍ଧାଚରଣ କରିଥାନ୍ତି ତାହା ମଧ୍ୟ ଏଥିପାଇଁ କି ମୁସଲମାନମାନଙ୍କ ଅମଲ ଇସଲାମୀୟ ଶିକ୍ଷା ବିପରୀତ ଅଟେ । ଆବଶ୍ୟକ ଥିଲା କି ମୁସଲମାନମାନେ ନିଜର ନମୁନା ପ୍ରଦର୍ଶନ କରି ଇସଲାମର ସୁନ୍ଦର ଶିକ୍ଷାର ପ୍ରମାଣ ଦେଇ ସଂସାରରେ ଇସଲାମର ପ୍ରଚାର କରନ୍ତେ କିନ୍ତୁ ଏଠାରେ ତ ହିସାବ ହିଁ ଓଲଟା ଦେଖିବାକୁ ମିଳୁଅଛି । ପବିତ୍ର କୋରାନ ଏଭଳି ସୁନ୍ଦର ଶିକ୍ଷା ଥାଇ ମଧ୍ୟ କି କୌଣସି ସମ୍ପ୍ରଦାୟର ଶତ୍ରୁତା ତୁମମାନଙ୍କୁ ନ୍ୟାୟ ଭିନ୍ନ ଅନ୍ୟଥା କିଛି କରିବାକୁ କଦାପି ନପ୍ରବର୍ତାଉ ଏବଂ ଏପରି (ସୁନ୍ଦର) ଶିକ୍ଷା ଅନ୍ୟ କୌଣସି ଧର୍ମ ପୁସ୍ତକରେ ଦିଆଯାଇ ନାହିଁ । ଏହା ସତ୍ତ୍ୱେ ଇସଲାମୀୟ ଦେଶମାନଙ୍କରେ ଅନ୍ୟାୟ ଅତ୍ୟାଚାର ବଜାର ସର୍ବଦା ଗରମ ରହୁଛି ।

ହଜୁର ଅନଓ୍ୱର ଅ.ବ କହିଲେ- ଶତ୍ରୁମାନଙ୍କ ସହ ମଧ୍ୟ ନ୍ୟାୟ ଆଚରଣ କରିବା ଏବଂ ଏଥିପ୍ରତି ଅଧିକ ଧ୍ୟାନ ଦେବା ଉଚିତ୍, ଦେଖ ଏହା କିଭଳି ସୁନ୍ଦର ଶିକ୍ଷା ଅଟେ । କିନ୍ତୁ ଦୁଃଖଦ ଏପରି ଶିକ୍ଷା ସତ୍ତ୍ୱେ ମୁସଲମାନମାନଙ୍କ ଅମଲ ଅଣମୁସଲମାନ ଦେଶମାନଙ୍କରେ ଇସଲାମକୁ ବଦନାମ୍ କରିଦେଲାଣି । ଦେଖ ହଜରତ ମହମ୍ମଦ ସ.ଆ କିଭଳି ସୁକ୍ଷ୍ମତାର ସହିତ ସାହାବାମାନଙ୍କର ପ୍ରଶିକ୍ଷଣ କରିଥିଲେ । ତାହାର କିଛି ଉଦାହରଣ ଦେଉଛି ଏକଦା ଗୋଟିଏ ଯୁଦ୍ଧରେ ଅଜାଣତରେ ଜଣେ ସାହାବା ଜଣେ ମହିଳାଙ୍କୁ ହତ୍ୟା କରିଦେଲେ ଯେତେବେଳେ ହଜୁର ସ.ଆ ଏଥିସମ୍ବନ୍ଧରେ ଜାଣିଲେ ଆପଣ ଉକ୍ତ ସାହାବାଙ୍କ ଉପରେ ଅତ୍ୟନ୍ତ ବିରକ୍ତ ହେଲେ । ଲେଖାଅଛି ସେତେବେଳେ ଆପଣଙ୍କ ମୁଖମଣ୍ଡଳ ଏଭଳି ଉତ୍ୟକ୍ତ ଭାବନାରେ ପରିପୂର୍ଣ୍ଣ ଥିଲା ଯାହାକି ପୂର୍ବରୁ କଦାପି ଦେଖିବାକୁ ମିଳିନଥିଲା । ସାହାବାମାନେ ମଧ୍ୟ କହିଲେ ହଜୁର ଭୂଲବଶତଃ ଏଭଳି ଘଟିଲା ତଥାପି ଆପଣଙ୍କୁ ଅତ୍ୟନ୍ତ କଷ୍ଟ ହୋଇଥିଲା କି ଏହା ଅନ୍ୟାୟ ହୋଇଛି ।

ପୁଣି ଲେଖାଅଛି ଜଣେ ସାହାବା ଜଣେ ୟହୁଦିଙ୍କଠାରୁ ଚାରି ଦିରହମ୍ କରଜ ନେଇଥିଲେ ଏବଂ ଧାର୍ଯ୍ୟ ଅବଧିରେ (କରଜ ପରିଶୋଧ) ନକରିବା ଯୋଗୁଁ ଉକ୍ତ ୟହୁଦି ଜଣକ ହଜୁର ସ.ଆଙ୍କ ନିକଟରେ ଅଭିଯୋଗ କଲେ କି ଅମକ ସାହାବା ମୋର ଅର୍ଥ ଫେରସ୍ତ କରୁନାହାନ୍ତି । ତାଙ୍କ ନାମ ଅବଦୁଲ୍ଲାଃ ଥିଲା ହଜୁର ସ.ଆ ତାଙ୍କୁ ଡ଼କାଇ କହିଲେ ଏହି ୟହୁଦିର କରଜ ଫେରସ୍ତ କର । ସେ କହିଲେ ହଜୁର ମୁଁ ଅଲ୍ଲାଃଙ୍କ ଶପଥ କରିକହୁଛି ମୋ ନିକଟରେ ଅର୍ଥ ନାହିଁ । ହଜୁର ପୁନଃ ତାଙ୍କୁ କହିଲେ ତାହାର କରଜ ଫେରସ୍ତ କର । ଅବଦୁଲ୍ଲାଃ କହିଲେ ହଜୁର ମୁଁ ତାଙ୍କୁ କହିଥିଲି ଯେ, ଆପଣ ଆମକୁ ଖୈବର୍ ପଠାଇବେ ଏବଂ ସେହି (ଯୁଦ୍ଧ୍ୟକ୍ଷେତ୍ରର) ମାଲେ ଗନିମତ୍‌ରୁ ମୋତେ ଯେଉଁ ଭାଗ ମିଳିବ ସେଥିରେ ମୁଁ ତୁମର କରଜ ପରିଶୋଧ କରିଦେବି । ହଜୁର ସ.ଆ ପୁନଶ୍ଚ କହିଲେ ତାହାର କରଜ ଫେରସ୍ତ କରିଦିଅ, ଯେତେବେଳେ ହଜୁର ସ.ଆ କୌଣସି କଥା ତିନି ଥର କହିଦିଅନ୍ତି ତାହା (ସମ୍ପାଦନ କରିବା) ଅନିର୍ବାର୍ଯ୍ୟ ହୋଇଯାଇଥାଏ । ସୁତରାଂ ହ. ଅବଦୁଲ୍ଲାଃ ସଙ୍ଗେସଙ୍ଗେ ବଜାର ଗଲେ ସେତେବେଳେ ସେ (ଶରୀରରେ) ଗୋଟିଏ ଚଦର ପିନ୍ଧିଥିଲେ ଓ ମୁଣ୍ଡରେ ପଗଡ଼ି ବାନ୍ଧିଥିଲେ । ପଗଡ଼ି କାଢି ତାହାକୁ ଧୋତି ଭାବରେ ପିନ୍ଧିଲେ ଏବଂ ଚଦରଟିକୁ ଚାରି ଦିରହମ୍‌ରେ ବିକ୍ରିକରି ଉକ୍ତ ୟହୁଦିର କରଜ ପରିଶୋଧ କରିଦେଲେ । ତେବେ ଏପରି ହଜୁର ସ.ଆ ନିଜ ସାହାବାମାନଙ୍କୁ ଅନୁଶାସନ କରିଥିଲେ । ୟୁହୁଦିକୁ ଏପରି କହିଲେ ନାହିଁ କି ସେ ତୁମକୁ ସମୟ ମାଗିଛନ୍ତି ତେଣୁ ତାଙ୍କୁ ସମୟ ଦିଅ ବରଂ ନିଜ ସାଥିଙ୍କୁ କହିଲେ କି ସଙ୍ଗେସଙ୍ଗେ ତାହାର କରଜ ପରିଶୋଧ କର ଏବଂ ଏଥିପାଇଁ ତାଙ୍କୁ ପରିଧାନ କରିଥିବା ବସ୍ତ୍ର ବିକ୍ରି କରିବାକୁ ବାଧହେଲେ । **ତେବେ ନ୍ୟାୟ ବିଚାରର ଏଭଳି ସ୍ତର ଆମ୍ଭକୁ ପ୍ରତ୍ୟେକ ପରିସ୍ଥିତିରେ ପ୍ରଦର୍ଶନ କରିବାକୁ ହେବ ତେବେଯାଇ ଆମେ ହଜରତ ମହମ୍ମଦ ସ.ଆଙ୍କ ପ୍ରକୃତ ଦାସଙ୍କ ମାନ୍ୟକାରୀଙ୍କ ମଧ୍ୟରେ ଗଣନା ହୋଇପାରିବା ଏବଂ ଆପଣଙ୍କ ଆଗମନର ଉଦ୍ଦେଶ୍ୟ ପୂରଣ କରିପାରିବା ।**

ହଜୁର ଅନଓ୍ୱର ଅ.ବ କହିଲେ- ମୁଁ ସୁରେ ଆରାଫ୍‌ର ଯେଉଁ ପକ୍ତିଂ ପାଠ କରିଥିଲି ସେଥିରେ ଅଲ୍ଲାଃ କହିଛନ୍ତି ଆମ୍ଭେ ସୃଷ୍ଟି କରିଥିବା ପ୍ରାଣୀମାନଙ୍କ ମଧ୍ୟରେ ଏପରି ଏକ ଗୋଷ୍ଠୀ ଅଛନ୍ତି ଯେଉଁମାନେ ସତ୍ୟ ମାଧ୍ୟମରେ ଲୋକମାନଙ୍କୁ ସତ୍‌ପଥ ପ୍ରଦର୍ଶନ କରାନ୍ତି ଏବଂ ତଦ୍ୱାରା ନ୍ୟାୟ ବିଚାର ମଧ୍ୟ କରନ୍ତି । ଯଦି ଜଣେ ସ୍ୱୟଂ ଅସତ୍ ମାର୍ଗରେ ଥିବ ସେ କିଭଳି ଅନ୍ୟକୁ ସତ୍‌ପଥ ପ୍ରଦର୍ଶିତ କରିପାରିବ । ଯେପର୍ଯ୍ୟନ୍ତ ଜଣେ ସ୍ୱୟଂ ନ୍ୟାୟ ବିଚାର କରିବାରେ ପ୍ରତିଷ୍ଠିତ ରହିନାହିଁ ସେ କିଭଳି ଅନ୍ୟକୁ ନ୍ୟାୟ ପ୍ରଦାନ କରିବ । ସୁତରାଂ ଯଦି ଆମକୁ ହଜରତ ମସିହ ମଉଦ ଆ.ସଙ୍କ ସହ କରିଥିବା ବୟତର ସର୍ତାବଳୀ ଏବଂ ଆପଣଙ୍କ (ଆଗମନର) ଉଦ୍ଦେଶ୍ୟ ପୂରଣ କରିବାର ଅଛି ତଥା ଇସଲାମର ବାର୍ତା ବିଶ୍ୱରେ ପରିବ୍ୟାପ୍ତ କରିବାର ଅଛି, ପ୍ରଚାରର କର୍ତବ୍ୟ ସମ୍ପାଦନ କରିବାର ଅଛି ତେବେ ନିୟମାନୁଯାୟୀ ସମସ୍ତ ପ୍ରକାରର ଉତମ ଚରିତ୍ରକୁ ଆପଣାଇବାକୁ ହେବ ଯାହାକି ଇସଲାମୀୟ ଶିକ୍ଷା ଓ ହଜରତ ମହମ୍ମଦ ସ.ଆଙ୍କ ନିର୍ଦ୍ଦେଶ ମୁତାବକ ଅଟେ ।

ଅଲ୍ଲାଃତାଲା କରନ୍ତୁ କି ଆମେ ଅଲ୍ଲାଃଙ୍କ ଆଦେଶ ମୁତାବକ ନିଜ ଜୀବନ ଅତିବାହିତ କରୁ ଏବଂ ହଜରତ ମସିହ ମଉଦ ଆ.ସଙ୍କ ବୟତର କର୍ତବ୍ୟ ସମ୍ପାଦନକାରୀ ହେଉ । ଆମେ ଅନ୍ୟମାନଙ୍କ ପାଇଁ ପ୍ରେରଣା ଓ ନ୍ୟାୟର ପ୍ରତିବିମ୍ବ ସାବ୍ୟସ୍ତ ହେଉ । ଖୁତବା ଜୁମାର ଶେଷରେ ହଜୁର ଅନଓ୍ୱର ଅ.ବ ଶ୍ରୀମାନ ହସନ ମହମ୍ମଦ ଖାଁ ଆରିଫ୍ ସାହେବ ପିତା ଶ୍ରୀମାନ ଫଜଲ୍ ମହମ୍ମଦ ଖାଁ ସାହେବଙ୍କର ନମାଜ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ଏବଂ ତାଙ୍କର ଉତମ ଚରିତ୍ର ଚର୍ଚ୍ଚା କଲେ ।

*ପୃଷ୍ଠା-୧ ର ଅବଶିଷ୍ଟାଂଶ.......*

ଲକ୍ଷ ଲକ୍ଷ ଲୋକ ବିଶ୍ରାମ କରୁଛନ୍ତି । ଏହା ଖୁଦାଙ୍କ କାର୍ଯ୍ୟ ଅଟେ ଯାହାକୁ ବୁଝିବା ପାଇଁ ମନୁଷ୍ୟର ବୁଦ୍ଧି ହାର୍ ମାନିଥାଏ । ସେ କାହାଦ୍ୱାରା ପରାଜିତ ହୋଇପାରେନା । ହେ ଲୋକମାନେ ! କେବେ ତ ଖୁଦାଙ୍କ ନିକଟରେ ଲଜ୍ଜା ଅନୁଭବ କର ! ତୁମେ କଣ ଏହାର ଦୃଷ୍ଟାନ୍ତ କୌଣସି ମିଥ୍ୟାବାଦୀଙ୍କ ଜିବନରୁ ଉପସ୍ଥାପନ କରିପାରିବ ? ଯଦି ଏହି ବ୍ୟାପାର ମନୁଷ୍ୟକୃତ ହୋଇଥାଆନ୍ତା ତେବେ କୌଣସି ଆବଶ୍ୟକ ନଥିଲା ଯେ ତୁମେମାନେ ମୋତେ ଧ୍ୱଂସ କରିବା ପାଇଁ ମୋ ବିରୁଦ୍ଧରେ ଏତେ କଷ୍ଟ କରିଥାଆନ୍ତ । ବରଂ ଖୁଦାତାଲା ମୋତେ ମାରିବା ପାଇଁ ଯଥେଷ୍ଟ ଥିଲା । ଯେତେବେଳେ ଦେଶରେ ତାଉନ୍(ପ୍ଲେଗ୍) ବ୍ୟାପିଲା ସେତେବେଳେ ଅନେକ ଲୋକେ ଏ ଦାବି କରିଲେ କି ଏ ବ୍ୟକ୍ତି (ଅର୍ଥାତ୍ ମୁଁ) ତାଉନ୍ ଦ୍ୱାରା ହଲାକ୍(ନିଃଶେଷ) ହୋଇଯିବ । କିନ୍ତୁ କେଡ଼େ ବିଚିତ୍ର ସତ୍ୟ ଏପ୍ରକୃତିର ଯେ ସେ ସବୁ ଲୋକେ ନିଜେ ତାଉନ୍ ଦ୍ୱାରା ନିଃଶେଷ ହୋଇଗଲେ । ଓ ଖୁଦାତାଲା ମୋତେ ସମ୍ବୋଧନ କରି କହିଲେ ଯେ ମୁଁ ତୋର ସୁରକ୍ଷା କରିବି । ଏବଂ ତାଉନ୍ ତୋ ନିକଟକୁ ଆସିବ ନାହିଁ । ବରଂ ଏହା ମଧ୍ୟ ମୋତେ କହିଲେ କି ମୁଁ ଲୋକମାନଙ୍କୁ ଏହା କହିରଖେ ଯେ ଅଗ୍ନି ଦ୍ୱାରା (ତାଉନ୍ ଦ୍ୱାରା) ଆମକୁ ଡରାଓ ନାହିଁ । ଅଗ୍ନି ଆମ ଗୁଲାମ୍(ଦାସ) ଅଟେ । ବରଂ ଗୁଲାମ୍(ଦାସ) ଙ୍କର ଗୁଲାମ୍(ଦାସ) ଅଟେ । ଓ ପୁଣି ମୋତେ କହିଲେ ଯେ ମୁଁ ତୋର ଏ ଘରକୁ ସୁରକ୍ଷା ଦେବି ଓ ସେ ସମସ୍ତକୁ ଯେଉଁମାନେ ଏହାର ଚାରିକାନ୍ଥ ଭିତରେ ଅଛନ୍ତି ସେ ସମସ୍ତେ ତାଉନ୍‌ରୁ ବଂଚିଯିବେ । ସୁତରାଂ ଏପରି ହିଁ ହେଲା । ସମସ୍ତେ ଏକଥା ଜାଣିଛନ୍ତି ଯେ ଏ ଇଲାକାରେ ତାଉନ୍‌ର ଆକ୍ରମଣ ଯୋଗୁ ଅନେକ ଗ୍ରାମ ହଲାକ୍ ହୋଇଛନ୍ତି । ଓ ଆମ ଚାରିପାଖରେ କୟାମତ୍(ପ୍ରଳୟ) ର ଉଦାହରଣ ଥିଲା । କିନ୍ତୁ ଖୁଦା ଆମକୁ ସୁରକ୍ଷା ଦେଲେ ।

(ହକିକତୁଲ୍ ଓ୍ୱହି, ରୁହାନି ଖଜାଏନ୍, ଖଣ୍ଡ-୨୦, ପୃଷ୍ଠା-୨୬୧)

## ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜଲ୍‌ସା ସାଲାନା ବ୍ରିଟେନ୍-୨୦୧୭ ଅବସରରେ କାର୍ଯ୍ୟବ୍ୟସ୍ତତା

### ୩୦ ଜୁଲାଇ ୨୦୧୭ (ରବିବାର) ର ଅବଶିଷ୍ଟାଂଶ

ଜଣେ ମହିଳା ଅତିଥି କହିଲେ ଯେ ଆପଣଙ୍କ ଯମାତ୍‌ରେ ମହିଳାମାନେ ବହୁତ ଶିକ୍ଷିତା ଅଛନ୍ତି । ମହିଳାମାନେ ଆମକୁ ବହୁତ କଠିନ ଏବଂ ଏକାଡ଼େମିକ୍ ପ୍ରଶ୍ନ ପଚାରିଥିଲେ ।

ଜଣେ ଅତିଥି କହିଲେ କି ଏ ଜଲ୍‌ସା ସାଲାନାରେ ଯୋଗଦେବା ମୋ ପାଇଁ ଗୋଟିଏ ଅସାଧାରଣ ଅଭିଜ୍ଞତା ଥିଲା । ଆସନ୍ତାକୁ ନ ଆସିବା ନିମନ୍ତେ ମୋ ପାଇଁ ବହୁତ କଷ୍ଟକର ହୋଇଯିବ । ତେଣୁ ବର୍ତମାନ ମୋତେ ଆସନ୍ତାକୁ ମଧ୍ୟ ଆସିବାକୁ ହେବ ।

ପ୍ରଫେସର ଡାଃ ଓକାଶଦ୍‌ଦୌଲା ସାହେବ୍ ଯିଏ ଲଣ୍ଡନ୍‌ରେ ଗୋଟିଏ ୟୁନିଭର୍‌ସିଟିର ପ୍ରଫେସର୍ ଅଛନ୍ତି ସେ ବାରମ୍ବାର ଏକଥାର ଦୁଃଖ ପ୍ରକାଶ କରି କହୁଥିଲେ ଯେ ସେ ଏଠାରେ ୨୫ ବର୍ଷ ହେବ ରହୁଛନ୍ତି କିନ୍ତୁ ଥରେ ହେଲେ ବି ସେ ଏ ଜଲ୍‌ସା ବିଷୟରେ ଶୁଣିନାହାଁନ୍ତି । ପୁଣି ସେ ଏ କଥାରେ ବହୁତ ଆଶ୍ଚର୍ଯ୍ୟ ପ୍ରକଟ କଲେ କି ସ୍ୱେଚ୍ଛାସେବୀ କର୍ମୀମାନେ ଏଠାରେଏତେ ବଡ଼ ସଂଖ୍ୟାରେ  କାର୍ଯ୍ୟରତ ଓ ପ୍ରତ୍ୟେକ କାର୍ଯ୍ୟ ବହୁତ ସୁନ୍ଦର ରୂପେ ଓ ଖୁସିର ସହିତ ସମ୍ପାଦନ କରୁଛନ୍ତି । ସେ ଏକଥା ମଧ୍ୟ ପ୍ରକାଶ କଲେ କି ସେ ପ୍ରଥମରୁ ଏ ଜଲ୍‌ସାରେ ସାମିଲ୍ ହୋଇଥାଆନ୍ତେ କି । ପୁଣି ସେ କହିଲେ ଆସନ୍ତା ବର୍ଷ ସେ ନିଜର ସାଙ୍ଗ ସାଥି ଓ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ଏହି ଜଲ୍‌ସାରେ ସାମିଲ୍ ହେବା ପାଇଁ କହିବେ ।

ସେ ନିଜେ ଗଏର୍ ଅହେମଦୀ ଅଟନ୍ତି କିନ୍ତୁ ଏହା ସତ୍ୟ ମଧ୍ୟ କହିଲେ ଯେ ଏହା ହିଁ ଇସ୍‌ଲାମ୍‌ର ବାସ୍ତବିକ ଚେହେରା ଏବଂ ଅନ୍ୟ ମୁସଲ୍‌ମାନ ମାନଙ୍କୁ ଏଥିରୁ ଦୃଷ୍ଟାନ୍ତ ଗ୍ରହଣ କରିବା ଉଚିତ୍ ।

ଶରାଉଡ୍ (Shroud) ର ଜଣେ ପ୍ରବୀଣ Olaf Jostein Andreassen ଙ୍କ ସମ୍ବନ୍ଧ ନରୱେ ଦେଶ ସହିତ ଓ ସେ ବହୁତ ଗୁଡିଏ ପୁସ୍ତକର ଲେଖକ ଅଟନ୍ତି । ତାଙ୍କୁ ଇଂଟରନେଟ୍ ମାଧ୍ୟମରେ ଶରାଉଡ୍ (Shroud) ପ୍ରଦର୍ଶନୀ ସମ୍ବନ୍ଧରେ ଜଣାପଡ଼ିଲା । ତେବେ ସେ କାହାକୁ କିଛି ନଜଣାଇ ଏହି ପ୍ରଦର୍ଶନୀରେ ସାମିଲ୍ ହେବା ପାଇଁ ନିଜର ଟିକେଟ୍ ବୁକ୍ କରାଇଦେଲେ । ଏବଂ ପୁଣି ପରେ ନରୱେ ଯମାତ୍ ସହିତ ସମ୍ପର୍କ ସ୍ଥାପନ କଲେ । ଓ ବତାଇଲେ ଯେ ମୁଁ ଜଲ୍‌ସାରେ ସାମିଲ୍ ହେବା ପାଇଁ ୟୁ.କେ ଯାଉଅଛି ।

ସେ ନିଜର ଭାବନାକୁ ବ୍ୟକ୍ତି କରି କହୁଛନ୍ତି- ମୋ ସହିତ ରାଜା ମହାରାଜାଙ୍କ ପରି ବ୍ୟବହାର କରାଗଲା । ଏବଂ ମୁଁ ଏପରି ଦୃଶ୍ୟ ଦେଖିଲି ଯାହାକୁ ଶବ୍ଦରେ ବର୍ଣ୍ଣନା କରାଯାଇପାରିବ ନାହିଁ ।

ଏହି ପ୍ରଦର୍ଶନୀରେ ସାମିଲ୍ ହୋଇଥିବା କିଛି ଅତିଥି ଇସାଇ ଧର୍ମାବଲମ୍ବୀ ଥିଲେ । ଯେହେତୁ ଏ ଲୋକମାନେ ରବିବାର ଦିନ ଚର୍ଚ ଯାଆନ୍ତି ସେଥିପାଇଁ ସେମାନଙ୍କୁ ଚର୍ଚ ଯିବା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା । ଯେତେବେଳେ ତାଙ୍କୁ ପଚରାଗଲା କି 'ଆପଣ କଣ ଚର୍ଚ ଯିବାକୁ ଚାହୁଁଛନ୍ତି' ? ଏଥିରେ ସେ ଏତେ ପ୍ରଭାବିତ ହୋଇ କହିଲେ ମୋତେ ବିଶ୍ୱାସ ହେଉନାହିଁ ଯେ ଗୋଟିଏ ମୁସ୍‌ଲିମ୍ ଯମାତ୍ ତାଙ୍କୁ ଚର୍ଚ୍ଚ ଯିବା ବିଷୟରେ ପଚାରି ବୁଝୁଛନ୍ତି । ସେ କହିଲେ ଏ ପ୍ରକାର ପ୍ରେମ ଓ ସମ୍ମାନକୁ ଦେଖି ସେ ଉକ୍ତ ଦିନ ମନସ୍ତ କଲେ କି ସେ ଚର୍ଚ୍ଚ ଯିବେ ନାହିଁ ବରଂ ନିଜର ସବୁ ସମୟ ଜଲ୍‌ସାରେ ହିଁ ବିତାଇବେ ।

ଶରାଉଡ୍ (Shroud) ର ଆଉଜଣେ ପ୍ରବୀଣ Burno Barberis ସାହେବ ଯିଏ ଟ୍ୟୁରନ୍ ର ଗୋଟିଏ ବିଖ୍ୟାତ ସାଇଂଟିଫିକ୍ କମିଟିର ସଭାପତି ଅଛନ୍ତି, ସେ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି- ମୁଁ ଏକଥାରେ ବହୁତ ପ୍ରଭାବିତ ହୋଇଛି ଯେ ଅହେମଦୀମାନଙ୍କର ଖିଲାଫତ୍ ସହିତ ଏକ ଦୃଢ଼ ସମ୍ପର୍କ ରହିଛି । ଅହେମଦୀମାନେ ଯେଉଁଠାରେ ରୁହନ୍ତୁ ନା କାହିଁକି ଖିଲାଫତ୍ ସହିତ ଯୋଡ଼ି ହୋଇ ରହୁଛନ୍ତି ଓ ସେମାନେ ଆପୋଷରେ ଜଣେ ଅନ୍ୟକୁ ନ ଜାଣିଥିଲେ ମଧ୍ୟ ଆପୋଷରେ ସେମାନଙ୍କର ବହୁତ ଦୃଢ଼ ସମ୍ପର୍କ ରହିଥାଏ । ଏହା ବହୁତ ବିଶେଷ ଏବଂ ଅସାଧାରଣ କଥା ।

ଏବର୍ଷ ଜଣେ ବିଖ୍ୟାତ ଫଟୋଗ୍ରାଫର୍ Peter Sanders ଯିଏ ମକ୍କା ଓ ମଦିନାର ବିଶେଷ ଫଟୋ ଉତୋଳନ କରିଛନ୍ତି, ସେ ମଧ୍ୟ ଏହି ଜଲ୍‌ସାରେ ସାମିଲ୍ ହୋଇଛନ୍ତି । ସେ Review of Religions ର ପ୍ରଦର୍ଶନୀକୁ ଦେଖି କହିଲେ ଯମାତ୍ ଅହେମଦୀୟା ବିଭିନ୍ନ ଧର୍ମର ଲୋକମାନଙ୍କ ମଧ୍ୟରେ ଏକ ସେତୁ ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରୁଅଛି । ଇସ୍‌ଲାମ୍‌ର ପ୍ରକୃତ ଚେହେରା ଯାହାକୁ ରସୁଲୁଲ୍ଲାଃ ସ:ଆ:ସ ଆଣିଥିଲେ ତାହା ବର୍ତମାନ ବଦଳି ଯାଇଛି । ତେଣୁ ଏ ପ୍ରକାରର ପ୍ରଦର୍ଶନୀ ଇସ୍‌ଲାମ୍‌ର ଶାନ୍ତିପ୍ରିୟ ବାର୍ତାକୁ ପ୍ରସାର କରିବା ନିମନ୍ତେ ବହୁତ ଜରୁରୀ ଅଟେ ।

British Society of Shroud News Letter ର ଏଡିଟର୍ 'David Rolfe' ଯିଏ ବିଗତ ୪୦ ବର୍ଷ ହେବ କଫ୍‌ନେ ମସିହ ଉପରେ ଗବେଷଣା କରୁଛନ୍ତି ସେ ଶରାଉଡ୍ ପ୍ରସଙ୍ଗରେ ସବ୍ରପ୍ରଥମ ଡକୁମେଂଟାରୀ ନିର୍ମାଣ କରିଥିଲେ । ଯାହା ଉପରେ ତାଙ୍କୁ ପୁରସ୍କାର ମଧ୍ୟ ମିଳିଥିଲା । ସେ କହିଲେ ଲୋକମାନେ Turin Shroud କୁ ଭୁଲି ଯାଇଛନ୍ତି । ଅଧିକାଂଶ ଲୋକ ଏହାକୁ କୃତ୍ରିମ ଆଖ୍ୟା ଦେଉଛନ୍ତି । କିଛି ଗୀର୍ଜାରେ ମୋତେ ଏ କଥାକୁ ବୁଝାଇବା ପାଇଁ ଅନେକ ବର୍ଷ ଲାଗିଗଲା ଯେ ମୁଁ ସେଠାରେ Shroud ର ବକ୍ତବ୍ୟ ଦେଇପାରିବି । କିନ୍ତୁ ଯମାତ୍ ଅହେମଦୀୟା Shroud ର ଚର୍ଚ୍ଚାକୁ କାଏମ୍ ରଖିବା ପାଇଁ ଆଗଧାଡ଼ିରେ ଛିଡ଼ା ହୋଇଛି । ମୋତେ Shroud ଉପରେ ଗବେଷଣା କରିବାର ୪୦ ବର୍ଷ ବିତିଗଲାଣି କିନ୍ତୁ ଯେତେବେଳେ ମୁଁ ଜଲ୍‌ସାରେ ଏଠାକୁ Shroud ର ପ୍ରଦର୍ଶନୀରେ ଆସିଲି ତେବେ ଯାଇ ମୋତେ ଶରାଉଡ୍ ର ପ୍ରକୃତ କାରଣ ଜଣାପଡ଼ିଲା ଯେ ଦୁନିଆର ବିଭିନ୍ନ ଧର୍ମର ଲୋକମାନଙ୍କୁ ଗୋଟିଏ ଛତା ତଳେ ଆଣିବାକୁ ହେବ । ଏହା ହେଉଛି ଏପରି ଏକ ଉଦ୍ଦେଶ୍ୟ ଯାହା ଯମାତ୍ ଅହେମଦୀୟାରେ ନା କେବଳ ମିଳେ ବରଂ ଏହା ଉପରେ ଅମଳ ମଧ୍ୟ କରାଯାଏ ।

ଏହି ଅତିଥିମାନଙ୍କର ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍‌କାର ୮:୧୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ପ୍ରତ୍ୟେକ ଅତିଥି ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବା ପାଇଁ ସୌଭାଗ୍ୟ ପାଇଲେ । କ୍ରମଶଃ..

(ବ ହୱାଲା ଅଖବାର୍ ବଦର୍, ୨୩ ନଭେମ୍ବର୍ ୨୦୧୭)

*ପୃଷ୍ଠା-୧୨ ର ଅବଶିଷ୍ଟାଂଶ.......*

କରୁଥାନ୍ତି । ଏହା ସବୁ ହଜୁର୍ ଅନୁୱର୍‌ଙ୍କ ଯୋଗୁଁ ସମ୍ଭବପର । ଏବେ ଆମେ ଆମେରିକା ଯାଇ ଲୋକମାନଙ୍କୁ ଖିଲାଫତେ ଅହେମଦୀୟା ବିଷୟରେ ବତାଇବୁ । ଆମକୁ ଏପରି ଲାଗୁଛି ଯେପରି ଆମ ଭିତରେ କିଛି ଲୋକ ଅହେମଦୀ ମୁସଲ୍‌ମାନ୍ ହୋଇଯିବେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏ ଦୁନିଆରେ ଏହା ଜରୁରୀ ଅଟେ ଯେ ଆମେ ମାନବିକତାର ସମ୍ମାନ କରିବା ଏବଂ ସେଥିଯୋଗୁ ଆମେ ମାନବଜାତିର ସେବା କରିବା ପାଇଁ ଯେଉଁ କାର୍ଯ୍ୟାଳୟ କରିଛୁ ତାର ନାମ 'ହ୍ୟୁମାନିଟି ଫାଷ୍ଟ' ରଖିଛୁ । ପୁଣି ସେ କହିଲେ ଯେ ହଜୁର୍ ବିଲ୍‌କୁଲ୍ ସିଧା ଏବଂ ସ୍ପଷ୍ଟ କଥା କହୁଛନ୍ତି । ଓ ବହୁତ କୋମଳ ହୃଦୟ ଓ ଦୟାବାନ୍ ଅଟନ୍ତି । ଆମର ଏ ଇଚ୍ଛା ଯେ ହଜୁର୍ ଅନୁୱର୍ ଆମେରିକା ଆସି ଆମର ମାର୍ଗ ଦର୍ଶନ କରାନ୍ତୁ ଓ ବୌଦ୍ଧମାନଙ୍କ ସହିତ ମିଶନ୍ତୁ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆମେ ହଜ୍‌ରତ୍ ବୁଦ୍ଧ୍ ଆଲୈହିସ୍ ସଲାମ୍‌କୁ ଜଣେ ନବୀ ରୂପେ ବିବେଚନା କରୁଛୁ ।

ହଜୁର୍ ଅନୁୱର୍ ଅ:ବ:ଅ ୱଫଦ୍‌ର ଲିଡର୍ ଓ ସଭାପତିକୁ ବୌଦ୍ଧମତର ବିଭିନ୍ନ ସଂଗଠନ ଏବଂ ସେମାନଙ୍କ ଭିତରେ ଯେଉଁ ଫରକ୍ ଅଛି ସେହିପରି ସେମାନଙ୍କର ବିଭିନ୍ନ କମ୍ୟୁନିଟି ପ୍ରସଙ୍ଗରେ ପଚାରି ବୁଝିଲେ ।

ସାକ୍ଷାତ୍‌କାରର ଶେଷରେ ହଜୁର୍ ଅନୁୱର୍‌ଙ୍କ ଗୋଚରେ ଏହି ୱଫଦ୍ ଗୋଟିଏ ଉପହାର ଉପସ୍ଥାପନ କଲେ ଏବଂ ବତାଇଲେ ଯେ ଏହି ଶୋଭନୀୟ ୧୫୦୦ ବର୍ଷ ପୁରୁଣା କାଠ ଦ୍ୱାରା ନିର୍ମାଣ କରାଯାଇଛି ଓ ବହୁତ ବିଶେଷ ଜିନିଷ ଅଟେ ।

ଏହି ସଂଗଠନର ପ୍ରତିଷ୍ଠାତା ଓ ସଭାପତି Nhan Khac Le ସାହେବ କହିଲେ ଜଲ୍‌ସା ସମୟରେ ସ୍ୱେଚ୍ଛାସେବୀ କର୍ମୀମାନେ ଯେପରି ୩୮୦୦୦ ଲୋକଙ୍କର ସେବା କଲେ ତାହା ବହୁତ ପ୍ରଶଂସନୀୟ । ମୁଁ ଏଠାରୁ ଏକ ଯୁକ୍ତାତ୍ମକ ଓ ଇମାନ୍ ଅଫ୍‌ରୋଜ୍ ଶକ୍ତି ନେଇ ଫେରୁଅଛି । ଇମାମ୍ ଯମାତ୍ ଅହେମଦୀୟା ବର୍ତମାନ ସମୟର ମହାନ୍ ଧାର୍ମିକ ନେତା ଅଟନ୍ତି । ଏହି ୱଫଦ୍‌ର ଆଉ ଜଣେ ସଦସ୍ୟ Naoko Nakajima ସାହିବା ନିଜର ଭାବନାକୁ ବ୍ୟକ୍ତ କରି ଜଣାଉଛନ୍ତି ମୁଁ ଯମାତ୍ ଅହେମଦୀୟାର ଆତିଥ୍ୟତା ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ମାନବିକ ଅଧିକାର ନିମନ୍ତେ ଯମାତ୍ ଅହେମଦୀୟା ତରଫରୁ କରାଯାଇଥିବା ଚେଷ୍ଟା, ବିଶେଷ ରୂପେ ସେହି ସବୁ ସ୍ଥାନ ଗୁଡିକରେ ଯେଉଁଠି ପ୍ରାକୃତିକ ବିପର୍ଯ୍ୟୟ ହୋଇଛି, ତାହା ପ୍ରଶଂସନୀୟ । ସେହିପରି ଯମାତ୍ ଅହେମଦୀୟାର ଶିକ୍ଷା କ୍ଷେତ୍ରରେ ସେବା ପ୍ରଶଂସନୀୟ ଅଟେ ।

ୱଫଦ୍‌ର ଜଣେ ମହିଳା Kim Hans Thi Le ସାହିବା ଯିଏ ଜଣେ Event Reporter ଅଟନ୍ତି ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ-ଏଭଳି ଜଲ୍‌ସାରେ ମୋର ଏହା ପ୍ରଥମ ଅନୁଭବ ଥିଲା । କାଲିଗ୍ରାଫି ଓ ଆରବୀ ଭାଷାର ଇତିହାସ ଉପରେ ଉପସ୍ଥାପନ ମୋତେ ବହୁତ ଭଲ ଓ ଶିକ୍ଷଣୀୟ ଲାଗିଲା ।

ଏହି ୱଫଦ୍‌ର ଆଉ ଜଣେ ସଦସ୍ୟ Judy Nguyen ସାହିବା କହୁଛନ୍ତି-ମୋ ପାଇଁ ଏ ଜଲ୍‌ସା ଏକ ଆଶ୍ଚର୍ଯ୍ୟ ଅନୁଭୁତି ଥିଲା । ଯୁବକ ଏବଂ ବୟସ୍କ ଲୋକମାନଙ୍କ ବହୁ ନିଷ୍ଠାର ସହିତ ନିଃସ୍ୱାର୍ଥପର ହୋଇ ସ୍ୱଇଚ୍ଛାରେ ସେବା କରିବା ଏକ ଅବର୍ଣ୍ଣନୀୟ ବିଶ୍ୱାସର କଥା ।

ୱଫଦ୍‌ର ଆଉଜଣେ ସଦସ୍ୟ Minh Tam Nelson ସାହେବ୍ ଯିଏ ୟୁନିଟ୍ ରିପୋର୍ଟର ଭାବେ ଏହି ୱଫଦ୍‌ରେ ସାମିଲ୍ ଥିଲେ, ସେ କହୁଛନ୍ତି- ଜଲ୍‌ସା ସାଲାନାରେ ଯୋଗଦେବା ହେଉଛି ମୋର ସୌଭାଗ୍ୟ । ସ୍ୱେଚ୍ଛାସେବୀ କର୍ମୀମାନେ ଯେଉଁଭଳି ଆମର ସେବା ଓ ଆମର ପ୍ରତ୍ୟେକ ଆବଶ୍ୟକତାର ଧ୍ୟାନ ରଖିଲେ ତାହା ବହୁତ ଉଚ୍ଚକୋଟୀର ଓ ପ୍ରଭାବଶାଳୀ ଥିଲା । ସବୁଠାରୁ ବଳି ଇମାମ୍ ଯମାତ୍ ଅହେମଦୀୟାଙ୍କ ସହିତ ସାକ୍ଷାତ୍‌କାର ଥିଲା । ମୁଁ ଆଜି ପର୍ଯ୍ୟନ୍ତ ଯେତେ କମ୍ୟୁନିଟି ଲିଡର୍‌ମାନଙ୍କ ସହିତ ମିଶିଛି ସେ ସମସ୍ତଙ୍କ ମଧ୍ୟରୁ ଯମାତ୍ ଅହେମଦୀୟାର ଇମାମ୍ ସବୁଠାରୁ ଅଧିକ ସ୍ନେହି ଓ କୋମଳ ହୃଦୟର ଅଟନ୍ତି ।

ୱଫଦ୍‌ର ଆଉଜଣେ ସଦସ୍ୟ Mai-ly Thi Pham ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି-ଜଲସାର ବ୍ୟବସ୍ଥା ଗୁଡିକ ବହୁତ ଆଶ୍ଚର୍ଯ୍ୟପୁର୍ଣ୍ଣ ଥିଲା । ଏବଂ ଏଥିରେ ଯୋଗଦେବା ମୋ ପାଇଁ ବହୁତ ସମ୍ମାନର ବିଷୟ । ମୁଁ ଏଠାରେ ସାଧାରଣତଃ ମୁସଲମାନ୍ ଓ ବିଶେଷ କରି ଅହେମଦୀ ମୁସଲମାନଙ୍କ ବିଷୟରେ ବହୁତ କିଛି ଶିଖିଲି । ଯମାତ୍ ଅହେମଦୀୟାର ନିଃସ୍ୱାର୍ଥପର ଭାବେ ସେବା କରିବାର ଶିକ୍ଷା ଆମ ବୌଦ୍ଧମତର ଶିକ୍ଷା ପରି ଅଟେ । ଯମାତ୍ ଅହେମଦୀୟା ଓ ବୌଦ୍ଧମତ ମଧ୍ୟରେ ସମାନତା ଦେଖି ଲାଗୁଛି ଯେ ଏ ଦୁନିଆ ଛୋଟ ହୋଇଯାଇଛି ଏବଂ ଫ୍ୟାମିଲି ବଢ଼ିଚାଲିଛି । ମୁଁ ଆପଣଙ୍କୁ ଧନ୍ୟବାଦ ଅର୍ପଣ କରୁଛି ।

ୱଫଦ୍‌ର ଆଉ ଜଣେ ସଦସ୍ୟ Wen Wah Chew କହୁଛନ୍ତି- ମହାତ୍ମା ବୁଦ୍ଧ ଓ ଯମାତ୍ ଅହେମଦୀୟା ଶିକ୍ଷାର ମୂଳଦୁଆ ଗୋଟିଏ ଜିନିଷ ଉପରେ ପର୍ଯ୍ୟବେଶିତ । ଅର୍ଥାତ୍-ମାନବିକ ଅଧିକାର,ପ୍ରେମ,ସ୍ନେହ ଓ ସହାନୁଭୁତି । ମୁଁ ଇମାମ୍ ଯମାତ୍ ଅହେମଦୀୟା ନିକଟରେ ବିଶେଷ ରୂପେ ଧନ୍ୟବାଦ ଅର୍ପଣ କରିବାକୁ ଚାହୁଁଛି, ଯିଏ ନିଜର ମୂଲ୍ୟବାନ ସମୟ ବାହାର କରି ଆମପାଇଁ ସମୟ ଦେଲେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯମାତ୍ ଅହେମଦୀୟାର ଖଲିଫା ବହୁତ କୋମଳ ହୃଦୟ, ବିନୟ ଓ ପବିତ୍ର ବ୍ୟକ୍ତି ଅଟନ୍ତି ।

ଏହିପରି ୱଫଦ୍‌ର ସମସ୍ତ ସଦସ୍ୟଗଣ ଯମାତ ନିମନ୍ତେ ପୁଣ୍ୟ ଭାବାବେଗର ପ୍ରକାଶ କଲେ । ଏବଂ ଏହି ୱଫଦ୍‌ର ପ୍ରତ୍ୟେକ ମେମ୍ବର୍ ଜଲ୍‌ସାର ବ୍ୟବସ୍ଥା ଗୁଡିକୁ ପ୍ରଶଂସା କରି ହଜୁର୍ ଅନୁୱର୍‌ଙ୍କୁ ଧନ୍ୟବାଦ ପ୍ରଦାନ କଲେ ।

ସାକ୍ଷାତ୍‌କାର୍‌ର ଶେଷରେ ୱଫଦ୍‌ର ମେମ୍ବରଗଣ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ସାକ୍ଷାତ୍‌କାର୍ ୮:୩୦ ପର୍ଯ୍ୟନ୍ତ ଜାରି ରହିଲା ।

**କାନାଡ଼ାରୁ ଆସିଥିବା ୱଫଦ୍‌ଙ୍କ ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ୍‌କାର**

ଏହାପରେ କାନାଡ଼ାରୁ ଆସିଥିବା ୱଫଦ୍ ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ ।

କାନାଡ଼ାରୁ ଆସିଥିବା ଜଣେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Mr. Ganett Genuis ସାହେବ୍ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ ବତାଇଲେ ଯେ ତାଙ୍କର ସମ୍ପର୍କ ବିରୋଧିଦଳ ସହିତ ଅଛି ଓ ସେ ହ୍ୟୁମାନ୍ ରାଇଟ୍‌ସ ପ୍ରସଙ୍ଗରେ ବିଶେଷ ରୂପେ କାର୍ଯ୍ୟ କରୁଛନ୍ତି । ସେ କହିଲେ କି ସେ ଆଲଜେରିଆ ଯିବାକୁ ଚାହୁଁଥିଲେ କିନ୍ତୁ ତାଙ୍କୁ ଭିସା ମିଳିଲା ନାହିଁ ।

ସେ ନିଜ ପାର୍ଟିର ଲିଡରଙ୍କ ତରଫରୁ ହଜୁର୍ ଅନୁୱର୍‌ଙ୍କୁ ସଲାମ୍ ପହଂଚାଇଲେ । ପୁଣି କହିଲେ ଯେ ସେ ଇସ୍‌ଲାମିକ୍ ଇକୋନୋମିକ୍ ସିଷ୍ଟମ୍ ବିଷୟରେ ଜାଣିବାକୁ ଚାହୁଁଥିଲେ କି ସରକାର କିପରି ଇସ୍‌ଲାମିକ୍ ଇକୋନୋମିକ୍ ସିଷ୍ଟମ୍‌କୁ ନିଜର ସିଷ୍ଟମ୍ ଭିତରେ ଆଣିବେ ।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଆପଣ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ଙ୍କ ପୁସ୍ତକ ଇସ୍‌ଲାମ୍‌ର ବିତୀୟ ବ୍ୟବସ୍ଥା (New World order of Islam) କୁ ପଢ଼ନ୍ତୁ । ଆପଣଙ୍କୁ ଏହି କିତାବ୍ ପଢ଼ିବା ଦ୍ୱାରା ଜ୍ଞାନ ମିଳିବ ଯେ ଇସ୍‌ଲାମ୍‌ର ଆର୍ଥିକ ବ୍ୟବସ୍ଥା କଣ ଅଟେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ସର୍ବପ୍ରଥମେ ସୁଧକୁ ଶେଷ କରିବା ଉଚିତ୍ । ବର୍ତମାନ ଦୁନିଆରୁ ସୁଧକୁ ଶେଷ କରିବା ବହୁତ କଠିନ କାର୍ଯ୍ୟ । ଏହା ସବୁଠାରେ ଅଛି ।

ବ୍ରେଡ୍‌ଫୋଡ଼(ଓଂଟାରିଓ) ର କାଉନ୍‌ସିଲର୍ 'ରାଜ୍ ସନ୍ଧୁ' ସାହେବ୍ ମଧ୍ୟ କାନାଡ଼ିଆନ୍ ୱଫଦ୍‌ରେ ସାମିଲ୍ ଥିଲେ । ବ୍ରେଡ୍‌ଫୋଡ ଇଲାକାରେ କାନାଡ଼ାର ଯମାତ୍ ନିଜର ଜଲ୍‌ସାଗାଃ ନିମନ୍ତେ ୨୫୦ ଏକର ଜମି ହାସଲ କରିଛି । ହଜୁର୍ ଅନୁୱର୍ ଅ:ବ:ଅ ୨୦୦୮ ମସିହାରେ ନିଜର କାନାଡ଼ାଗସ୍ତ ସମୟରେ ଏହି ଜମିକୁ ଦେଖିବାକୁ ଯାଇଥିଲେ ।

ରାଜ୍ ସନ୍ଧୁ ସାହେବ୍ ବତାଇଲେ ଯେ ଆମେ ଏଥିପାଇଁ ୟୁ.କେ ର ଜଲ୍‌ସାରେ ସାମିଲ୍ ହୋଇଛୁ । ଫଳତଃ ଆମେ ଅବଲୋକନ କରିପାରିବୁ ଯେ ଯମାତ୍ ଅହେମଦୀୟାର ଜଲ୍‌ସା କିପରି ହେଉଛି । କାରଣ କାନାଡ଼ାର ଯମାତ୍ ବ୍ରେଡ୍‌ଫୋଡ଼ଠାରେ ନିଜର ଜଲ୍‌ସା କରିବାକୁ ଚାହୁଁଛି । ମୋତେ ଜଲ୍‌ସାର ସବୁ ବ୍ୟବସ୍ଥା ଓ ସ୍ୱେଚ୍ଛାସେବୀ ମାନଙ୍କର କାର୍ଯ୍ୟକୁ ଦେଖି ବହୁତ ଆଶ୍ଚର୍ଯ୍ୟ ଲାଗିଲା ଯେ ଏତେ କମ୍ ସମୟରେ ଏତେବଡ଼ ଜଲ୍‌ସା କିପରି ଅନୁଷ୍ଠିତ କରାଗଲା । ମୁଁ କାନାଡ଼ାରେ ମଧ୍ୟ ଯମାତ୍‌ର ଜଲ୍‌ସାସାଲାନାରେ ସାମିଲ୍ ହୋଇଛି । କିନ୍ତୁ ସେ ଜଲ୍‌ସା ତ ବହୁତ ଛୋଟ । ମୋର ଏ ପ୍ରାର୍ଥନା ଗୋଟେ କି ଯମାତ୍ ଅହେମଦୀୟାକୁ ସଫଳତା ମିଳିଚାଲୁ । ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ଅବସର ମିଳିଲା, ଯାହାଙ୍କ ଠାରୁ ମୁଁ ବହୁତ ଲାଭ ଉଠାଇଲି । ମୋତେ ଏ ଆଶା ଅଛି ଯେ ଦିନେ ଆମେ ଏହିପରି ଜଲ୍‌ସା ନିଜ ଇଲାକାରେ ବ୍ରେଡ୍‌ଫୋଡ଼ଠାରେ ଅନୁଷ୍ଠିତ କରିବା ପାଇଁ ଅବସର ମିଳିବ । ଏବଂ ସେଥିରୁ ଆପଣଙ୍କ ଯମାତ୍ ଲାଭ ଉଠାଇବ ଓ ସେ ଇଲାକାର ବାସିନ୍ଦାମାନେ ମଧ୍ୟ ଲାଭ ଉଠାଇବେ ।

ପିସ୍ ଭିଲେଜ୍ (ୱାନ୍)ର କାଉନ୍‌ସିଲର୍ Marilyn Lafrate ସାହିବା ହଜୁର୍ ଅନୁୱର୍‌ଙ୍କ ଗୋଚରରେ କହିଲେ ଯେ ଆପଣଙ୍କ କମ୍ୟୁନିଟିର ମହିଳାମାନେ ଚମତ୍କାର ଅଟନ୍ତି । ବହୁତ ଶିକ୍ଷିତା, Shinning ଓ ସୁସଂଗଠିତ ଅଟନ୍ତି । ସେ ପୁଣି କହିଲେ ମୋତେ ଜଲ୍‌ସା ସାଲାନାରେ ସାମିଲ୍ ହେବା ଯୋଗୁ ବହୁତ ଆନନ୍ଦ ଲାଗୁଛି । ଜଲ୍‌ସାସାଲାନାର ଦୁଇଦିନ ମୋ ପାଇଁ ବହୁତ ଶିକ୍ଷଣୀୟ ଥିଲା । ମୁଁ ଜଲ୍‌ସାରୁ ବହୁତ କିଛି ଶିଖିଛି । ଅତିଥିମାନଙ୍କର ଭାଷଣ ଗୁଡିକ ବହୁତ ଭଲ ଥିଲା । ବିଶେଷତଃ ଇମାମ୍ ଯମାତ୍ ଅହେମଦୀୟାର ଅଭିଭାଷଣ ଶୁଣି ମନକୁ ଶାନ୍ତି ମିଳୁଛି ଯେ ସବୁ ମୁସଲମାନ୍ ଏପରି ନୁହଁନ୍ତି, ଯେପରିକି ଆମେ ଖବରକାଗଜରେ ପ୍ରତିଦିନ ଦେଖୁଛୁ । ସେମାନଙ୍କ ମଧ୍ୟରୁ ବହୁତ ଏପରି ମଧ୍ୟ ଅଛନ୍ତି ଯେଉଁମାନେ ଶାନ୍ତି, ପ୍ରେମ ଓ ସୌହାର୍ଦ୍ଦ୍ୟର ଶିକ୍ଷା ଦେଉଛନ୍ତି ଏବଂ ତା ଉପରେ ଅମଲ ମଧ୍ୟ କରୁଛନ୍ତି । ମୁଁ ଖଲିଫତୁଲ୍ ମସିହ୍‌ଙ୍କୁ ବହୁତ ଧନ୍ୟବାଦ ଅର୍ପଣ କରୁଛି ଯେ ସେ ଆମ ସମ୍ମୁଖରେ ଇସ୍‌ଲାମ୍‌ର ଶାନ୍ତିପୂର୍ଣ୍ଣ ଶିକ୍ଷାକୁ ସ୍ପଷ୍ଟ କଲେ ।

ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Ganett Genuis ସାହେବ୍ ନିଜର ଭାବନା ବ୍ୟକ୍ତ କରି କହିଲେ ଅହେମଦୀୟା ମୁସ୍‌ଲିମ୍ ଯମାତ୍ ମାନବିକ ଅଧିକାର ପାଇଁ ବହୁତ କାର୍ଯ୍ୟ କରୁଅଛି । ମୁଁ ସେହି ଦେଶ ଗୁଡିକୁ ଯେପରି ପାକିସ୍ତାନ ଓ ଅଲ୍ ଜଜାଏର୍, ଯେଉଁଠି ଅହେମଦୀମାନଙ୍କ ଉପରେ ଅତ୍ୟାଚାର କରାଯାଉଛି, ସେମାନଙ୍କୁ ବିଶେଷ ରୂପେ ଧ୍ୟାନ ଆକର୍ଷଣ କରାଉଛି । ମୋତେ ଜଲ୍‌ସା ସାଲାନାରେ ବହୁତ କିଛି ଶିଖିବା ପାଇଁ ଅବସର ମିଳିଲା ଯେ ଆମେ କିପରି ମାନବିକ ଅଧିକାରକୁ ଉତମ ରୂପେ ପ୍ରଦାନ କରିପାରିବୁ । ଏଠାରେ ବିଭିନ୍ନ ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇ ଓ ଲୋକମାନଙ୍କ ସହିତ ମିଶି ବର୍ତମାନ ମୁଁ ଜଣେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ହିସାବରେ ବହୁତ ଉତମ ରୂପେ ଏହି ସମସ୍ୟା ବିରୋଧରେ ଛିଡ଼ା ହୋଇପାରିବି ।

କାନାଡ଼ାରୁ ଆସିଥିବା ୱଫଦ୍‌ଙ୍କର ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ଏହି ସାକ୍ଷାତ୍‌କାର୍ ୮:୪୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ୱଫଦ୍ ପ୍ରତ୍ୟେକ ସଦସ୍ୟମାନେ ଜଣ ଜଣ ହୋଇ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ଜାମାଇକାରୁ ଆସିଥିବା ୱଫଦ୍‌ଙ୍କର ହଜୁର୍‌ଙ୍କ ସହିତ ସାକ୍ଷାତ୍‌କାର୍**

ଏହାପରେ ଜାମାଇକା ଦେଶରୁ ଆସିଥିବା ୱଫଦ୍ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ହାସଲ କଲେ । ଜାମାଇକାରୁ ଆସିଥିବା ୱଫଦ୍‌ଙ୍କ ଭିତରେ ପତ୍ରକାର ଓ ଜାମାଇକାର ଗୋଟିଏ ପ୍ରସିଦ୍ଧ ଶାୟର(କବି) ଓ ଗୋଟିଏ ପ୍ରୋଗ୍ରାମ୍‌ର ଆତିଥ୍ୟକର୍ତା Mutabaruka ସାମିଲ୍ ଥିଲେ ।

ୱଫଦ୍‌ରେ ସାମିଲ୍ ଥିବା ଜଣେ ସାମ୍ବାଦିକ ପ୍ରଶ୍ନ କଲେ ଯେ ଇସ୍‌ଲାମ୍ ପଲିଟିକାଲ୍ ଧର୍ମ ଅଟେ ବା ନୁହେଁ ? ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଇସ୍‌ଲାମ୍ ହେଉଛି ଗୋଟିଏ ସ୍ୱୟଂ ସମ୍ପୂର୍ଣ୍ଣ ଧର୍ମ, ଯେଉଁଥିରେ ପ୍ରତ୍ୟେକ ବିଷୟ ସମ୍ବନ୍ଧରେ ମାର୍ଗଦର୍ଶନ ମିଳିଥାଏ । ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଜମାନାରେ ଆପଣ ସ:ଆ:ସ ଗୋଟିଏ ଷ୍ଟେଟ୍‌ର ମୁଖିଆ ମଧ୍ୟ ହୋଇଥିଲେ । କିନ୍ତୁ ଆଜିକାଲି ଯୁଗରେ ଏପରି ହେଉନାହିଁ । ଆଜିକା ସମୟରେ ଧର୍ମ ଅଲଗା ଓ ଦେଶର ରାଜନୀତି ଅଲଗା ଅଟେ ।

ୱଫଦ୍‌ର ଆଉ ଜଣେ ସଦସ୍ୟ କହିଲେ ଯେ ମୋତେ ଏକଥା ବହୁତ ବିଚିତ୍ର ଲା ଯେ ପୁରୁଷ ଓ ମହିଳାମାନେ ଅଲଗା ଅଲଗା ସ୍ଥାନରେ ବସିଥିଲେ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଆମେ ମହିଳାମାନଙ୍କୁ ସ୍ୱାଧିନତା ଦେଇଅଛୁ । ସେମାନେ ବାସ୍ତବିକ ରୂପେ ସ୍ୱାଧୀନ ହୋଇ ନିଜର ଫଙ୍କସନ୍‌କୁ ପରିଚାଳିତ କରୁଛନ୍ତି । ରେକର୍ଡିଂ ଓ ଭିଡ଼ିଓ ତିଆରି କରିବା ପାଇଁ ସେମାନଙ୍କ ନିଜର କ୍ୟାମେରା ଓମେନ୍ ଅଛନ୍ତି । ସେମାନଙ୍କ ନିଜର ସିକ୍ୟୁରିଟି ଟିମ୍ ଅଛି । ଆମେ ଏହିଭଳି ସେମାନଙ୍କୁ ସ୍ୱାଧିନତା ଦେଇଥାଉ ଯେ ସେମାନେ ନିଜର ପ୍ରତ୍ୟେକ ଜିନିଷର ନିଜେ ଦାୟିତ୍ୱ ବହନ କରିବେ ଓ ଆମ ମହିଳାମାନଙ୍କୁ ଏହି ପ୍ରକାର ଶୈଳୀ ପସନ୍ଦ ଅଟେ । ଏବଂ ସେମାନେ ଏଥିରେ ବହୁତ ଖୁସି ଓ ଶାନ୍ତି ଅନୁଭବ କରିଥାନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଆପଣ ଶୁଣିଥିବେ ଯେ ମୁଁ ଲଜନା ମାନଙ୍କ ନିମନ୍ତେ ଦେଇଥିବା ବକ୍ତବ୍ୟରେ କହିଥିଲି କି ଇସ୍‌ଲାମ୍ କହୁଅଛି ଯେ ପୁରୁଷ ଓ ମହିଳାମାନଙ୍କର କାମ ଅଲଗା ଅଲଗା । ଏହା ହେଉଛି ଡିଭିଜନ୍ ଅଫ୍ ଲେବର୍ । ଦୁଇଜଣଙ୍କର ଅଲଗା ଅଲଗା ଦାୟିତ୍ୱ ଅଛି । ମହିଳାମାନଙ୍କ ଦାୟିତ୍ୱରେ ଏହା ସାମିଲ୍ ଅଛି ଯେ ସେମାନେ ତାଙ୍କ ପିଲାମାନଙ୍କର ତରବିୟତ୍ କରିବେ । ଯେଉଁଠି ପୁରୁଷମାନଙ୍କୁ ଏ ଦାୟିତ୍ୱ ଦିଆଯାଇଛି ଯେ ସେ ଘରର ସମସ୍ତ ଖର୍ଚ୍ଚକୁ ବହନ କରିବେ । ମହିଳାମାନେ ସମ୍ପୂର୍ଣ୍ଣ ରୂପେ ଅଲଗା ନୁହଁନ୍ତି । ଗୋଟିଏ ନିଜାମ୍‌ର ଅନ୍ତର୍ଗତ ମୁଁ ନିଜେ ମହିଳାମାନଙ୍କ ଭିତରେ ଯାଇ ଭାଷଣ ଦେଇଥିଲି ।

ଆଉଜଣେ ଅତିଥି ପ୍ରଶ୍ନ କଲେ ଯେ ଜାମାଇକା ନିମନ୍ତେ ଆପଣଙ୍କର ଯୋଜନା କଣ ? ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁୱର୍ କହିଲେ-କେବଳ ଯାମାଇକା ନିମନ୍ତେ ନୁହେଁ ବରଂ ଆମର ଯୋଜନା ତ ସମଗ୍ର ସଂସାର ନିମନ୍ତେ ଏହା ଯେ ଇସ୍‌ଲାମ୍‌ର ବାସ୍ତବିକ ବାର୍ତା ଓ ଇସ୍‌ଲାମ୍‌ର ଶାନ୍ତିପ୍ରିୟ ଶିକ୍ଷାକୁ ସାରା ଦୁନିଆରେ ପ୍ରସାର କରିବୁ ଓ ଏହା ଆମର ମିଶନ୍ ଅଟେ ।

ଜାମାଇକାରୁ ଆସିଥିବା ୱଫଦ୍‌ର ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ୍‌କାର୍ ୮:୫୦ ପର୍ଯ୍ୟନ୍ତ ଜାରି ରହିଲା । ସାକ୍ଷାତ୍‌କାରର ଶେଷରେ ସଦସ୍ୟମାନେ ହଜୁର୍ ଅନୁୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ବେଲିଜ୍‌ରୁ ଆସିଥିବା ୱଫଦ୍‌ର ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ୍‌କାର**

ଏହାପରେ ବେଲିଜ୍‌ରୁ ଆସିଥିବା ୱଫଦ୍ ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ବେଲିଜ୍‌ରୁ ଚାରିଜଣ ବିଶିଷ୍ଟ ୱଫଦ୍ ଆସିଥିଲା । ଯେଉଁଥିରେ ବେଲିଜ୍‌ର ରାଜଧାନୀ Belmopan ରୁ ଆସିଥିବା ମେୟର୍ Khalid Belisle ସାହେବ ଟେଲିଭିଜନ୍ ସିଷ୍ଟମ୍ FM ର ପତ୍ରକାର ଓ ଗୋଟିଏ ପ୍ରୋଗ୍ରାମ୍‌ର ଆତିଥ୍ୟକର୍ତା Deborah Seoul ସାହେବ୍ ମଧ୍ୟ ସାମିଲ୍ ଥିଲେ ।

ଜର୍ନାଲିଷ୍ଟ ଜଣକ ହଜୁର୍ ଅନୁୱର୍‌ଙ୍କ ଗୋଚରେ ଜଣାଇଲେ ଯେ ତାଙ୍କୁ ଏ ଜଲସା ବହୁତ ପସନ୍ଦ ଲାଗିଲା । ଜଲସାର ପ୍ରତ୍ୟେକ ବ୍ୟବସ୍ଥା ବହୁତ ସୁନ୍ଦର ଥିଲା । ପ୍ରତ୍ୟେକ ସ୍ଥାନରେ ମୁଁ ଶାନ୍ତି ଓ ସ୍ଥିରତାକୁ ଦେଖିବାକୁ ପାଇଲି । ପ୍ରତ୍ୟେକ ଅଭିଭାଷଣରେ ଶାନ୍ତିର ବାର୍ତାକୁ ଶୁଣିଲି ।

ମେୟର୍ ସାହେବ୍ ମଧ୍ୟ ଜଲସାର ବ୍ୟବସ୍ଥା ଗୁଡିକର ପ୍ରଶଂସା କଲେ । ଏବଂ କହିଲେ ଯେ ମୋତେ ପବିତ୍ର କୋରାନ୍ ବ୍ୟତୀତ ଏପରି କୌଣସି ପୁସ୍ତକ ବତାନ୍ତୁ ଯାହାକୁ ମୁଁ ପଢ଼ିବି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆପଣ 'ଇସ୍‌ଲାମୀ ଉସୁଲ୍ କି ଫଲାସଫି' ପଢ଼ନ୍ତୁ ।

ମେୟର୍ ଖାଲିଦ୍ ବିଲାଏଲ୍ ସାହେବ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି- ଏ ଜଲସା ସାଲାନାରେ ସାମିଲ୍ ହେବା ବହୁତ ଉତ୍ତମ ଅନୁଭବ ଥିଲା । ମୋତେ ଏପରି ଲାଗୁଥିଲା ଯେ ଯମାତ୍‌ର ପ୍ରତ୍ୟେକ ବ୍ୟକ୍ତି କେବଳ ମୋ ସେବାରେ ହିଁ ଲାଗି ରହିଛନ୍ତି । ଏହି ଅନୁଗମଦ୍ୱାରା ମୋ ହୃଦୟରେ ଇସ୍‌ଲାମ୍‌କୁ ଶିଖିବା ପାଇଁ ବହୁତ ଉତ୍ସାହ ସୃଷ୍ଟି ହେଲା । ଏଠାରୁ ମୁଁ ଭାଇଚାରା ର ସବକ୍ ନିଜ ଦେଶକୁ ନେଇଯିବି । ଏହା ଗୋଟିଏ ଏପରି ଜିନିଷ ଯାହା ମୋତେ ବାରମ୍ବାର ବିଭିନ୍ନ ସ୍ଥାନରେ ଦୃଷ୍ଟିଗୋଚର ହେଲା । ଯଦି ମୁଁ ଏହାକୁ ଗୋଟିଏ ବୋତଲରେ ବନ୍ଦ କରି ନିଜ ସହିତ ବେଲିଜ୍ ନେଇପାରିଥାନ୍ତି । ଫଳତଃ ନିଜ ଦେଶର ଲୋକମାନଙ୍କୁ ଏହାକୁ ବାଂଟନ୍ତି ।

ସେ ମହାଶୟ କହିଲେ ଜଲସାର ବ୍ୟବସ୍ଥା ଗୁଡିକ ବହୁତ ଉଚ୍ଚକୋଟୀର ଥିଲା । ମୋତେ ଯେଉଁଭଳି ଏଠାରେ ସ୍ୱାଗତ କରାଗଲା ମୁଁ ତାକୁ ସବୁଦିନ ପାଇଁ ମନେରଖିବି । ମୁଁ ଆପଣଙ୍କ ନିକଟରେ ସଦା ସର୍ବଦା ଋଣି ହୋଇ ରହିବି । ଯେ ଆପଣମାନେ ମୋତେ ଏଠାକୁ ଆସିବା ପାଇଁ ନିମନ୍ତ୍ରଣ ଦେଲେ ।

ପୁଣି କହିଲେ ଦିନେ ମୁଁ ଅତିଥିମାନଙ୍କ ଟେଂଟରେ ଏକୁଟିଆ ଥିଲି । କିଛି ଖୁଦାମ୍ ମୋ ପାଖକୁ ଆସିଲେ । ମୁଁ ଜାଣିପାରିଥିଲି ଯେ ଏମାନେ କେବଳ ଏଥିପାଇଁ ମୋ ପାଖକୁ ଆସିଛନ୍ତି ଯେ ମୁଁ ବାହାରୁ ଆସିଅଛି । ତେଣୁ କାଳେ ମୁଁ ଏକା ଅନୁଭବ କରୁଥିବି । ଏକଥା ମୋ ହୃଦୟରେ ଗଭୀର ପ୍ରଭାବ ପକାଇଲା ଯେ ଏଠିକାର ଯୁବକମାନଙ୍କୁ ମଧ୍ୟ ଏକଥା ଅନୁଭବ ହେଉଛି ଯେ ସେମାନେ ନିଜ ଅତିଥିମାନଙ୍କ ସହିତ କିପରି ବ୍ୟବହାର କରିବେ ।

ଜଣେ ମହିଳା ପତ୍ରକାର ମିସ୍ ଡେଓବ୍ରା ସିଓ୍ୱଲ୍ ସାହିବା । ଏହି ଜଲସା ପ୍ରସଙ୍ଗରେ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି–ଜଲ୍‌ସାର ପ୍ରତ୍ୟେକ ଭାଷଣରେ ଶାନ୍ତିର ବାର୍ତା ଥିଲା । ଇମାମ୍ ଯମାତ୍ ଅହେମଦୀୟା ନିଜର ପ୍ରଥମ ଦିନର ଭାଷଣରେ କହିଲେ ଯେ କାହାକୁ ନିଜର ଶତୃ ଭାବନାହିଁ । ଯେଉଁମାନେ ଆପଣମାନଙ୍କୁ ନିଜର ଶତୃ ଭାବୁଛନ୍ତି ସେମାନଙ୍କ ପାଇଁ ଦୁଆ କର । ଏହା ମୋ ପାଇଁ ବହୁତ ବଡ଼ ଶିକ୍ଷା ଥିଲା ।

ଏତଦ୍‌ବ୍ୟତୀତ ମହିଳାମାନଙ୍କର ଆନ୍ତର୍ଜାତୀୟ ସ୍ତରରେ Sisterhood କୁ ଦେଖି ମୋତେ ବହୁତ ଭଲ ଲାଗିଲା । ଏହିପରି ଜଣେ ଅନ୍ୟଜଣଙ୍କ ସହିତ ଉତ୍ତମ ବ୍ୟବହାର ଓ ବହୁତ ସ୍ନେହର ସହିତ ମିଶିବାର ଦେଖି ମୋତେ ବହୁତ ଖୁସି ଲାଗିଲା, ଯାହା ମୋ ହୃଦୟରେ ମଧ୍ୟ ଅନ୍ୟମାନଙ୍କ ପାଇଁ ପ୍ରେମ ଉଜାଗର କରିବା ନିମନ୍ତେ ଭାବନା ସୃଷ୍ଟି କଲା । ଏହି ତିନିଦିନର ଜଲସାରେ ହୋଇଥିବା ଅନୁଭବ ମୋ ପାଇଁ ବହୁତ ଆଶ୍ଚର୍ଯ୍ୟଜନକ ଥିଲା, ଯାହାକୁ ମୁଁ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ମନେରଖିବି ।

ବେଲିଜର ମୁବଲିଗ୍ ଲେଖୁଛନ୍ତି କି ଏହି ପତ୍ରକାର ମହିଳା ଜଣକ ଯେବେ ଏଠାକୁ ଆସିଲେ ସେତେବେଳେ ତାଙ୍କ ଉପରେ ଏହା ଟିପ୍‌ପଣୀ କରାଯିବା ଆରମ୍ଭ ହୋଇଗଲା ଯେ ତୁମେ ମୁସଲ୍‌ମାନ ମାନଙ୍କର ଏହି ଜଲସାରେ ସାମିଲ୍ ହୋଇଛ ? ଏଥିରେ ସେ ନିଜର ଫେସ୍‌ବୁକ୍‌ରେ ଉତର ଦେଲେ ଯେ 'ମୁଁ ଏ ଜଲସାରେ ତିନିଦିନ ବିତାଇଛି କିନ୍ତୁ ଥରେ ମଧ୍ୟ ମୋତେ ଇସ୍‌ଲାମ୍‌ରେ ଦାଖଲ ହେବା ବିଷୟରେ ପଚରାଯାଇନାହିଁ । ବରଂ ମୋତେ ଏହା ପଚରାଯାଉଛି ଯେ ମୁଁ ଆରାମ ସହିତ ଏଠାରେ ଅଛି ବା ଏଠାକୁ ଆସି ମୁଁ ଖୁସି ଅଛି ତ ? ଏବଂ ଆଉ କିଛି ଆବଶ୍ୟକୀୟ ବସ୍ତୁ ଯାହା ମୋର ରହିବା ପାଇଁ ଓ ଆରାମ୍ ପାଇଁ ଦରକାର ସେ ବିଷୟରେ ପଚରାଯାଇଛି । ଜଣେ ମଧ୍ୟ ମୋତେ ଏହା କହିନାହାଁନ୍ତି ଯେ ମୁଁ ମୁସଲ୍‌ମାନ୍ ହୋଇଯିବି ବୋଲି ।

ମୁଁ ପୂର୍ବରୁ ବିଭିନ୍ନ ଜଲ୍‌ସା ଓ ବିଭିନ୍ନ କନ୍‌ଭେନ୍‌ସନ୍‌ରେ ଯୋଗଦେଇଛି । ଯେଉଁମାନଙ୍କର ଉଦ୍ଦେଶ୍ୟ କେବଳ ଲୋକମାନଙ୍କୁ ନିଜ ଧର୍ମରେ ସାମିଲ୍ କରିବା ଅଟେ । କିନ୍ତୁ ଏଠାରେ ଏକଥା ସମ୍ପୂର୍ଣ୍ଣ ରୂପେ ନଥିଲା । ମୁଁ ଏପରି ଲୋକଙ୍କ ମଧ୍ୟ ଏଠାରେ ମିଳିଲି ଯିଏ ୩୦ବର୍ଷ ହେବ ଏହି କମ୍ୟୁନିଟି ସହିତ ସମ୍ପର୍କ ରଖିଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ଯମାତ୍‌ରେ ସାମିଲ୍ ହୋଇନାହାଁନ୍ତି । ମୁସଲ୍‌ମାନ୍ ମାନଙ୍କ ଏହି ଗୋଷ୍ଠୀକୁ ଏଥିପାଇଁ ସମ୍ମାନ ଦିଆଯାଉଛି ଯେ ସେମାନେ ମାନବଜାତିର ସେବା କରୁଛନ୍ତି ଓ ଦୁନିଆର ଶାନ୍ତିର ବାର୍ତାକୁ ପ୍ରଚାର ଓ ପ୍ରସାର କରୁଛନ୍ତି ।

ବେଲିଜ୍‌ରୁ ମିସ୍ ଓଲିଭିଆ ଡାସନ୍ ସାହିବା ଯିଏ ସେଠିକାର ଯମାତ୍‌ର ସଦର୍ ଲଜ୍‌ନା ମଧ୍ୟ ଅଛନ୍ତି, ସେ ମଧ୍ୟ ଏହି ୱଫଦ୍‌ରେ ସାମିଲ୍ ଥିଲେ । ସେ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି । ମୋତେ ଏଠାରେ ବହୁତ ସୁନ୍ଦର ଭାବେ ସ୍ୱାଗତ କରାଗଲା । ଏଠିକାର ଖାଦ୍ୟ ଆମ ଖାଦ୍ୟଠାରୁ ଭିନ୍ନ ଥିଲା । ତଥାପି ମଧ୍ୟ ଏ ଖାଦ୍ୟ ଭିନ୍ନ ଥିଲା । ଏଠିକାର ସେବାକାରୀ ଦଳ ବହୁତ ଭଲ ଅନୁଭବ ରଖିଛନ୍ତି । ମୋତେ ଏଠାରେ ନିଜ ଘରର ପରିବେଶ ପରି ଲାଗିଲା । ଏ ଜଲସା ସାଲାନାରେ ସାମିଲ୍ ହେବାର ଅନୁଭବ ବହୁତ ସୁନ୍ଦର ଥିଲା । ଏହି ଅନୁଭବ ମୋ ଜୀବନକୁ ସବୁ ବେଳ ପାଇଁ ପରିବର୍ତନ କରିଦେଇଛି । ବିଶେଷ କରି ହଜୁର୍ ଅନୁୱର୍ ଅ:ବ:ଅ ଯେତେବେଳେ ବୟତ ନେଲେ, ସେତେବେଳେ ମୋ ଆଖିରୁ ଅଶ୍ରୁ ବୋହିଗଲା ।

ପୁଣି ସେ କହୁଛନ୍ତି ଯେତେବେଳେ ଆମ ୱଫଦ୍ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କଲେ ସେତେବେଳେ ମୋତେ କିଛି କହିବା ପାଇଁ ସାହସ ହେଲାନାହିଁ । କିନ୍ତୁ ହଜୁରଙ୍କ ସହିତ ସାକ୍ଷାତ୍‌କାର କରିବା ମୋ ପାଇଁ ବହୁତ ସମ୍ମାନର ବିଷୟ ଥିଲା । ଯଦି ମୁଁ ଅହେମଦୀ ହେବା ପୂର୍ବରୁ ଏ ଜଲସାରେ ସାମିଲ୍ ହୋଇଥାଆନ୍ତି ତେବେ ଜଲସା ଯୋଗୁ ମୁଁ ଅହେମଦୀ ହୋଇଯାଇଥାନ୍ତି । ଜଲସା ସାଲାନାର ଏହି ଦିନଗୁଡିକ ମୁଁ କେବେ ଭୁଲି ପାରିବି ନାହିଁ ।

ବେଲିଜର ୱଫଦ୍ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ଏହି ସାକ୍ଷାତ୍‌କାର ୮:୫୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ୱଫଦ୍‌ର ସଦସ୍ୟଗଣ ହଜୁରଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ଆଇସ୍‌ଲାଣ୍ଡର ୱଫଦ୍‌ଙ୍କ ସହିତ ସାକ୍ଷାତ୍‌କାର୍**

ଏହାପରେ ଆଇସ୍‌ଲାଣ୍ଡରୁ ଆସିଥିବା ୱଫଦ୍ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଆଇସ୍‌ଲାଣ୍ଡରୁ ଆସିଥିବା ୱଫଦ୍ ର ସଦସ୍ୟଙ୍କ ସଂଖ୍ୟା ହେଉଛି ୬ଜଣ । ସେମାନଙ୍କ ମଧ୍ୟରୁ ଦୁଇଜଣ ନୌମୁବାଇନ୍ ଏବଂ ନିମ୍ନଲିଖିତ ୪ଜଣ ଅନ୍ୟ ଅତିଥି ମଧ୍ୟ ସାମିଲ୍ ହୋଇଥିଲେ ।

(1)-Mrs. Tamila Gamez Garcell ଯିଏ ସେଠିକାର Reykjavik ମଲ୍‌ଟି କଲ୍‌ଚରାଲ୍ କାଉନ୍‌ସିଲ୍‌ର ମେୟର୍ ଅଛନ୍ତି ।

(2)-Ms Eyrun Eyporsdotteir ଯିଏ ଚିଫ୍ ଇନିସ୍‌ପେକ୍ଟର୍ ଅଛନ୍ତି ।

(3)-Mrs. Rosamunda Jona Baldursdottir ଯିଏ Akureyri ୟୁନିଭର୍‌ସିଟିରେ ପୋଲିସ୍ ସାଇନ୍‌ସ ପ୍ରୋଜେକ୍ଟ ର ମ୍ୟାନେଜର ଅଛନ୍ତି ।

(4)-Ms Skulina Kristinsdottir ସାହିବା ଯିଏ ଆଇସ୍‌ଲାଣ୍ଡ ୟୁନିଭରସିଟିରେ ମାଷ୍ଟର୍‌ର ଶିକ୍ଷାର୍ଥୀ ଅଟନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ– ଏଠାରେ ଆପଣ ଦେଖିଥିବେ ଯେ ଗୋଟିଏ ଅସ୍ଥାୟୀ ସହର ନିର୍ମାଣ ହୋଇଛି ଏବଂ ଏଠିକାର ବ୍ୟବସ୍ଥା ଗୁଡିକ ମଧ୍ୟ ଅସ୍ଥାୟୀ । ସମସ୍ତ କାର୍ଯ୍ୟ ସ୍ୱେଚ୍ଛାସେବୀ କର୍ମୀମାନେ କରୁଛନ୍ତି । ଏବଂ ଏଠିକାର ଅନୁଶାସନ ଓ ସିକ୍ୟୁରିଟି ବ୍ୟବସ୍ଥା ମଧ୍ୟ ଆପଣ ଦେଖିଥିବେ କି କର୍ମୀମାନେ ନିଜେ ହିଁ ଏ ସବୁ ଦାୟିତ୍ୱ ତୁଲାଉଛନ୍ତି । ଏତେବଡ଼ ଭିଡ ବିନା ପୋଲିସ୍‌ର ସହାୟତାରେ ଶାନ୍ତିର ସହିତ ଜଲ୍‌ସା ଶୁଣିଲେ ।

ଏଥିରେ ଅତିଥିଜଣକ କହିଲେ ଯେ ଆମେ ମଧ୍ୟ ବହୁତ ଆଶ୍ଚର୍ଯ୍ୟ ହେଉଛୁ ଯେ ଏତେ ବଡ଼ ସଂଖ୍ୟାରେ ଲୋକ ଏଠାରେ ଅଛନ୍ତି, ବର୍ଷା ମଧ୍ୟ ହେଉଛି, ମୌସମ୍ ମଧ୍ୟ ଖରାପ ଅଛି କିନ୍ତୁ ଏହା ସତ୍ତ୍ୱେ ମଧ୍ୟ କୌଣସି ପ୍ରକାର ବିଶୃଙ୍ଖଳା ସୃଷ୍ଟି ହେଲା ନାହିଁ । ପ୍ରତ୍ରେକ କାମ ସୁସଂଗଠିତ ରୂପେ ତୁଲାଇ ନିଆଗଲା । ଆମେ ଏହି ତିନି ଦିନ ଭିତରେ କୌଣସି ପ୍ରକାର ଲଢ଼ାଇ ଝଗଡ଼ା ପାଇଲୁ ନାହିଁ ।

ହଜୁର୍ ଅନୁୱର୍ ଅ:ବ:ଅ ଏହି ଦୁଇଜଣ ନୌମୁବାଇନଙ୍କ ଠାରୁ ଜଲସା ବିଷୟ ପଚାରି ବୁଝିଲେ । ଏଥିରେ ସେମାନେ ବହୁତ ଆନନ୍ଦ ପ୍ରକାଶ କରି କହିଲେ ଯେ ଆମେ ଏ ଜଲସାରୁ ବହୁତ କିଛି ଶିଖିଛୁ ।

ମହିଳା ଅତିଥିମାନେ ନିଜର ଭାବନକୁ ବ୍ୟକ୍ତ କରି କହିଲେ–ଜଲସାର ଅନୁଭବ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଥିଲା । ଆମେ କୌଣସି ବିଶେଷ ଆଶା ରଖି ଏ ଜଲସାରେ ସାମିଲ୍ ହୋଇନଥିଲୁ । କିନ୍ତୁ ଯେତେବେଳେ ଆମେ ନିଜ ଘରକୁ ଫେରିଲୁ ଆମକୁ ଏପରି ଅନୁଭବ ହେଲା ଯେ ଆମର ବ୍ୟକ୍ତିତ୍ୱ ଏକ ପ୍ରକାର ନୂଆ ବ୍ୟକ୍ତିତ୍ୱ ହୋଇଯାଇଛି । ଏହା ଏଥିପାଇଁ ଯେ ଆମ ବୁଦ୍ଧି ଖୋଲିଗଲା ଏବଂ ପୂର୍ବରୁ ଆମେ ଅଧିକ ମାନବତାର ସମ୍ମାନ କରିବାକୁ ଲାଗିଗଲୁ । ଆମେ ଏପରି ଲୋକଙ୍କର ସମ୍ମାନ କରୁଛୁ ଯେଉଁମାନେ ନିଜ ଜୀବନକୁ ଅନ୍ୟମାନଙ୍କର ଖୁସିପାଇଁ ଏବଂ ସେମାନଙ୍କର ଉନ୍ନତି ପାଇଁ ଉତ୍ସର୍ଗ କରିଥାନ୍ତେ । ପୁଣି ଏହି ଜଲସାରେ

ଆମେ ମାନବତା, ବିନମ୍ରତା ଏବଂ ଲୋକଙ୍କ ସହିତ ପ୍ରେମ ଏ ସବୁ ବ୍ୟତୀତ ଆଉ କିଛି ଅନୁଭବ କରିପାରିଲୁ ନାହିଁ । ଆମେ ଏହା କହିପାରିବୁ ଯେ ଅହେମଦୀମାନେ ଆମକୁ ଇସ୍‌ଲାମ୍‌ର ବାସ୍ତବିକ ରୂପ ବିଷୟରେ ଜଣାଇଲେ ।

ଆରମ୍ଭରୁ ଆମେ ଏ ଆଶା ରଖିଥିଲୁ ଯେ ଲୋକମାନେ ଆମକୁ ପରଲୋକ କରି ବ୍ୟବହାର କରିବେ କିନ୍ତୁ ଏହାର ଓଲଟା ହେଲା । ଏବଂ ଏକକ୍ଷଣ ପାଇଁ ମଧ୍ୟ ଏହା ଅନୁଭବ ହେଲାନାହିଁ ଯେ ଆମକୁ ଏଠାରେ ସ୍ୱାଗତ କରାଯାଇନାହିଁ ବୋଲି । ପ୍ରତ୍ୟେକ ସମୟ ଆମ ସହିତ ଏପରି ବ୍ୟବହାର କରାଗଲା ଯେପରି ଆମେ ହଜୁରଙ୍କର ନିଜ ଅତିଥି । ପ୍ରତ୍ୟେକ ବ୍ୟବସ୍ଥା ଆଶ୍ଚର୍ଯ୍ୟଜନକ ଥିଲା ଏବଂ ସବୁକିଛି ନିଜ ନିଜ ସ୍ଥାନରେ ବିଦ୍ୟାମାନ ଥିଲା । ଆମକୁ ଆମର ପ୍ରଶ୍ନର ଉତର ମିଳିଲା । ଏହା ସତ୍ତ୍ୱେ ମଧ୍ୟ ଯେ ଆମେ ଏହା ଜାଣିଥିଲୁ ଯେ କିଛି ପ୍ରଶ୍ନ ଅନ୍ୟକୁ ବିଚଳିତ କରିପାରେ । କିନ୍ତୁ ଆମ ଆତିଥ୍ୟକର୍ତାଙ୍କ ଉତର ଗୁଡିକୁ ଆମେ ବଡ଼ ସହଜରେ ବୁଝିଯାଉଥିଲୁ । ବିଶେଷ କରି ଆମେ ବଜାର ଯାଇ ବିଭିନ୍ନ ସଂସ୍କୃତିର ପୋଷାକ ଓ ଖାଦ୍ୟଗୁଡିକ ଦେଖି ଏବଂ ତାକୁ ଚାଖି ମଜା ଉଠାଇଲୁ । ଲିଟ୍‌ରେଚର୍ ଗୁଡିକ ବହୁତ ମନମୁଗ୍ଧକାରୀ ଥିଲା । ଅନେକ ଥର ଆମକୁ ସେଠାରେ ଛିଡ଼ା ହୋଇ ଭାବିବାକୁ ପଡୁଥିଲା ଯେ ପ୍ରତ୍ୟେକ ବର୍ଷ ଏହି ପ୍ରକାରର ବ୍ୟବସ୍ଥା ଯାହା ବଢ଼ି ଚାଲିଛି, ଏହା କିପରି ସମ୍ଭବ ହୋଇପାରିଛି । ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଥିଲା ।

ଆମକୁ ଭ୍ରମଣ କରିବାର ମଧ୍ୟ ଅବସର ମିଳିଲା । ସେ ସମୟରେ ଆମେ ଯମାତ୍‌ର ମସ୍‌ଜିଦ୍ ଓ ଅନ୍ୟ ସୁନ୍ଦର ସ୍ଥାନ ଗୁଡିକ ପରିଭ୍ରମଣ କରିଲୁ । ବହୁତ ଲୋକଙ୍କ ସହିତ ମିଶିବାର ଅବସର ମିଳିଲା । ଏବଂ ମନମୁଗ୍ଧକାରୀ କଥାବାର୍ତାର ମଧ୍ୟ ଅବସର ମିଳିଲା, ଯାହା ମାଧ୍ୟମରେ ଅନ୍ୟମାନଙ୍କର ଯୁକ୍ତାତ୍ମକ ରାଏ ଆମେ ଜାଣିପାରିଲୁ ।

ଏ ଜଲ୍‌ସାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପାର୍ଶ୍ୱ ଏବଂ ଆମ ଆତିଥ୍ୟକର୍ତା ବହୁତ ଆନନ୍ଦିତ ହେବା ହେଉଛି ବିଶ୍ୱବ୍ୟାପି ଯମାତ୍ ଅହେମଦୀୟାର ଇମାମ୍‌ଙ୍କ ଉପସ୍ଥିତି । ତତ୍ ସହିତ ରବିବାର ଦିନ ଇମାମ୍ ଯମାତ୍ ଅହେମଦୀୟାଙ୍କ ସହିତ ସାକ୍ଷାତ୍‌କାର କରିବାର ସୌଭାଗ୍ୟ ମିଳିଲା । ତା ଭିତରେ ସମୟର ସ୍ୱଳ୍ପତା ଦୃଷ୍ଟିରୁ ଇମାମ୍ ଯମାତ୍ ଅହେମଦୀୟା ଆମମାନଙ୍କର ସଂକ୍ଷିପ୍ତ ପରିଚୟ ପଚାରି ବୁଝିଲେ ଏବଂ ଜଲ୍‌ସା ବିଷୟରେ ଆମର ମନ୍ତବ୍ୟ ମଧ୍ୟ ଜାଣିବାକୁ ଚାହିଁଲେ । ପୁଣି ସାକ୍ଷାତ୍‌କାରର ଶେଷରେ ଆମ ଡେଲିଗେସନ୍ ଏକାଠି ହୋଇ ହଜୁରଙ୍କ ସହିତ ଫଟୋ ଉଠାଇଲେ କିନ୍ତୁ ଆମର ଅର୍ଥାତ୍ ମହିଳାମାନଙ୍କର ଏ ଇଛା ଥିଲ ଯେ ହଜୁର୍‌ଙ୍କ ସହିତ ମହିଳାମାନଙ୍କର ଗୋଟଏ ସ୍ୱତନ୍ତ୍ ଫଟୋ ହେଉ । ଏଥିରେ ହଜୁର୍ ଅନୁଓ୍ୱର୍ ଆମ ଦରଖାସ୍ତକୁ ଗ୍ରହଣ କଲେ । ତେଣୁ ଆମେ ସମସ୍ତଙ୍କୁ ଧନ୍ୟବାଦ ଦେଉଅଛୁ ।

ଆଇସ୍‌ଲାଣ୍ଡ୍ ଓ୍ୱଫଦ୍‌ର ହଜୁର୍ ଅନଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍‌କାର୍ ୯:୦୫ ପର୍ଯ୍ୟନ୍ତ ଜାରି ରହିଲା ।

ଏହାପରେ ଓ୍ୱଫଦ୍ ମେମ୍ବର୍‌ମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟପ୍ରାପକ୍ତ କଲେ ।

**ବେଲ୍‌ଜିୟମ୍ ଓ୍ୱଫଦ୍ ସହିତ ସାକ୍ଷାତ୍‌କାର**

ଏହାପରେ ବେଲ୍‌ଜିୟମ୍‌ରୁ ଆସିଥିବା ଓ୍ୱଫଦ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ବେଲ୍‌ଜିୟମ୍ ଓ୍ୱଫଦ୍‌ରେ ୨୧ଜଣ ନୌମୁବାଇନ୍ ସାମିଲ୍ ଥିଲେ । ଯାହାଙ୍କ ଭିତରୁ ଦୁଇ ଜଣଙ୍କର ସମ୍ବନ୍ଧ ମରାକିଶ୍ ଦେଶ ସହିତ ଅଛି, ଜଣେ ନାଇଜେରିଆର, ଜଣେ ଘାନାର, ପାଂଚଜଣ ସିନିଗାଲ୍‌ରୁ, ସାତଜଣ ଗିନିକନାକରି ଓ ପାଂଚଜଣ ଙ୍କର ସମ୍ବନ୍ଧ ଟେଗୋ ଦେଶ ସହିତ ଥିଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜଣ ଜଣ କରି ଓ୍ୱଫଦ୍‌ର ସମସ୍ତ ମେମ୍ବର ମାନଙ୍କର ପରିଚୟ ହାସଲ କଲେ । ଓ୍ୱଫଦ୍‌ର ଚାରିଜଣ ମେମ୍ବର୍ ବତାଇଲେ ଯେ ସେମାନେ ଆଜି ହିଁ ବୟତ କରି ଯମାତ୍ ଅହେମଦୀୟାରେ ସାମିଲ୍ ହେବାର ସୌଭାଗ୍ୟ ପ୍ରାପ୍ତ କରିଛନ୍ତି ।

ଜଣେ ନୂତନ ବୟତ କରିଥିବା ମହିଳା ଶ୍ରୀମତୀ ସିଲା କାତିଆତୁ ସାହିବା ନିଜର ଚାରିଜଣ ପିଲାମାନଙ୍କ ସହିତ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ ବୟାନ୍ ଦେଉଛନ୍ତି ଯେ ମୁଁ ଏହି ତିନିଦିନ ଭିତରେ ଇସ୍‌ଲାମ୍ ବିଷୟରେ ଯାହା କିଛି ଶିଖିଛି, ଏହା ହେଉଛି ତା ଠାରୁ ବହୁତ ଅଧିକା ଯାହା ମୁଁ ସାରା ଜୀବନରେ ଶିଖିଥିଲି । ହଜୁର୍ ଅନୁଓ୍ୱର୍ ଲଜ୍‌ନା ମାନଙ୍କ ନିମନ୍ତେ ତର୍‌ବିୟତ୍ ଅଉଲାଦ୍ (ପିଲାମାନଙ୍କ ଶିକ୍ଷା ନିମନ୍ତେ) ବିଷୟରେ ଯେଉଁ ଅଭିଭାଷଣ ଦେଇଥିଲେ ତାହା ମୋ ଉପରେ ବହୁତ ପ୍ରଭାବ ପକାଇଛି । ଯଦିଚ ଖରାପ ମୌସମ ଯୋଗୁ ବହୁତ କିଛି କଠିନତା ଦେଖାଦେଲା କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଏପରି ଅନୁଭବ ହେଉଥିଲା ଯେ ଯେପରି ମୁଁ ହଜ୍ କରିବା ପାଇଁ ଏଠାକୁ ଆସିଛି । ଯେପରି ହଜ୍‌ର ଅଜର(ପୁରସ୍କାର) ବହୁତ ଅଧିକା ଓ ହଜ୍ ମଧ୍ୟ ବହୁତ କଷ୍ଟ ଉଠାଇବା ପରେ ଯାଇ କରିବାକୁ ପଡ଼ିଥାଏ ସେହିପରି ଏହି ତିନିଦିନରେ ମୌସମ୍ ଖରାପ ହେବା ଯୋଗୁ କିଛି କଷ୍ଟର ସମ୍ମୁଖିନ ହେବାକୁ ପଡ଼ିଲା ଏବଂ ମୁଁ ଜାଣିଛି ଯେ ଏହି ତିନିଦିନର ପୁଣ୍ୟ ବହୁତ ଅଧିକା । ତେଣୁ ମୋତେ ଏହା ଅନୁଭବ ହେଉଥିଲା କି ଯେପରି ମୁଁ ହଜ୍ କରିବା ପାଇଁ ଆସିଛି ।

ବେଲ୍‌ଜିୟମ୍‌ରୁ ଜଣେ ନୂତନ ଅହେମଦୀ ଫାତମାତୁଲ୍ ୟୁସୁଫ୍ ସାହିବା ମଧ୍ୟ ନିଜ ପିଲାମାନଙ୍କ ସହିତ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେମାନଙ୍କୁ ବୟତ କରିବାରେ ମଧ୍ୟ ସୌଭାଗ୍ୟ ପ୍ରାପ୍ତ ହେଲା । ସେ ବତାଇଲେ ଯେ ଜଲ୍‌ସାର ଦିନ ଗୁଡିକରେ ବିଶେଷ ରୂପେ ଏହା ଅନୁଭବ ହେଉଥିଲା କି ଯେପରି ଆମ ଆଧ୍ୟାତ୍ମିକତାରେ ଉନ୍ନତି ପରିଲକ୍ଷିତ ହେଉଅଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଅଭିଭାଷଣ ଗୁଡିକୁ ଶୁଣିବା ପରେ ଆମକୁ ସେଥିରୁ ବହୁତ କିଛି ଶିଖିବା ପାଇଁ ମିଳିଲା । ମୁଁ ଇନ୍‌ଶାଅଲ୍ଲାଃ ଜଲ୍‌ସାରୁ ଫେରି ଯମାତ୍‌ର ପ୍ରତ୍ୟେକ ପ୍ରୋଗ୍ରାମ୍ ଗୁଡିକରେ ନିୟମାନୁଯାୟୀ ସାମିଲ୍ ହେବି । ଏଠାରେ ଯମାତ୍‌ର ଲୋକମାନଙ୍କୁ ସ୍ୱେଚ୍ଛାସେବକ ରୂପେ ନିଃସ୍ୱାର୍ଥପର ସେବା କରିବାର ଦେଖି ମୋର ମନ ହେଉଛି ଯେ ମୁଁ ମଧ୍ୟ ଏହିପରି ଯମାତ୍‌ର ସେବା କରିବି । ଯମାତ୍‌ର ଜଣେ ହିତକାରୀ ବ୍ୟକ୍ତି ରୂପେ ବିବେଚିତ ହେବି ।

ଓ୍ୱଫଦ୍‌ରେ ସାମିଲ୍ ହୋଇଥିବା ଜଣେ ମହିଳା ଅତିଥି ମାତି ନଗୁମ୍ ସାହିବା କହୁଛନ୍ତି ଯେ-ମୁଁ ଜଲ୍‌ସାରେ ଅବଶ୍ୟ ପୂର୍ବରୁ ମଧ୍ୟ ସାମିଲ୍ ହୋଇସାରିଛି କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ମୋତ ଏଥର ଜଲ୍‌ସା ସାଲାନାରେ ବହୁତ କିଛି ଶିଖିବା ପାଇଁ ଅବସର ମିଳିଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଆମକୁ ଯାହା କିଛି ଉପଦେଶ ଦେଲେ ମୋତେ ସେଥିରେ ସତ୍ୟତା ଓ ବାସ୍ତବିକତା ଦୃଷ୍ଟିଗୋଚର ହେଲା, ଯେଉଁଠାରୁ ଆମେ ବହୁତ କିଛି ଶିଖିପାରିଛୁ । ଏବଂ ଯେଉଁ ସମ୍ମାନ ଓ ଚରିତ୍ରର ଉଚ୍ଚତମ ସ୍ତର ଆମକୁ ଏଠାରେ ଦେଖିବାକୁ ମିଳିଲା ସେ ସବୁକୁ ଦେଖି ଆମକୁ ବହୁତ ଖୁସି ଲାଗିଲା ।

ମିସେସ୍ ବେଲୁ ସାହିବା ମଧ୍ୟ ଚାରୋଟି ପିଲାଙ୍କ ସହିତ ଜଲ୍‌ସାରେ ସାମିଲ୍ ହୋଇଥିଲେ । ତାଙ୍କୁ ବୟତ କରିବାର ସୌଭାଗ୍ୟ ମଧ୍ୟ ପ୍ରାପ୍ତ ହେଲା କିନ୍ତୁ ତାଙ୍କର ସ୍ୱାମୀ ବେଲ୍‌ଜିୟମ୍‌ରେ ବେମାର ଅଛନ୍ତି । ଏବଂ ବର୍ତମାନ ପର୍ଯ୍ୟନ୍ତ ସେ ବୟତ ମଧ୍ୟ କରିନାହାଁନ୍ତି । ମିସେସ୍ ବେଲୁ ସାହିବା ଏବର୍ଷ ଜଲ୍‌ସାସାଲାନାରେ ଦ୍ୱିତୀୟ ଥର ପାଇଁ ସାମିଲ୍ ହେବାକୁ ନିଜର ଇଛା ପ୍ରକାଶ କରିଥିଲେ । କିନ୍ତୁ ପରେ ସ୍ୱାମୀଙ୍କର ବେମାର ହୋଇଯିବା ଯୋଗୁ ଜଲ୍‌ସାରେ ଯୋଗ ନଦେବା ପାଇଁ ମନସ୍ଥ କଲେ । ଯେତେବେଳେ ତାଙ୍କ ସ୍ୱାମୀଙ୍କୁ ଏକଥା ଜଣାପଡ଼ିଲା ତାଙ୍କ ସ୍ୱାମୀ ତାଙ୍କୁ ଏ ଜଲ୍‌ସାରେ ଯୋଗଦେବା ପାଇଁ ତାଗିଦ୍ କଲେ ଏବଂ କହିଲେ ଯେ ତୁମେ ପିଲାମାନଙ୍କୁ ନେଇ ନିଶ୍ଚିତ ରୂପେ ଯାଇ ଏ ଜଲ୍‌ସାରେ ଯୋଗଦିଅ । ଜଲ୍‌ସାରେ ସାମିଲ୍ ହୋଇ ଆମ ଇମାନ୍(ବିଶ୍ୱାସ) ବହୁତ ଦୃଢ଼ୀଭୁତ ହେଲା, ଯାହାକୁ ମୁଁ ଶବ୍ଦରେ ବର୍ଣ୍ଣନା କରିପାରିବି ନାହିଁ । ମୁଁ ମୋ ସ୍ୱାମୀ ପାଇଁ ଦୁଆର ଦରଖାସ୍ତ କରିବାକୁ ଚାହୁଁଛି ଯେ ଅଲ୍ଲାଃତାଲା ତାଙ୍କୁ ମଧ୍ୟ ଅହେମଦୀୟତ୍‌ର ଛତ୍ରଛାୟାରେ ଆସିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ମତି କସ୍‌ମାନ୍ ସାହିବା ବର୍ଣ୍ଣନା କରି କହୁଛନ୍ତି ଯେ ଖୁଦାତାଲା ଏ ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକମାନଙ୍କ ନିମନ୍ତେ ଯେଉଁସବୁ ବର୍‌କତ୍ ରଖିଛନ୍ତି ମୁଁ ଏଥିରୁ ଭର୍‌ପୁର୍ ଲାଭ ଉଠାଇବା ପାଇଁ ଚେଷ୍ଟା କରିଛି । ଯାହାର ଅନୁଭବ ମୋତେ ଏବେଠୁ ହେଉଅଛି ଯେ ମୁଁ ଏହି ବର୍‌କାତ୍ ଗୁଡିକୁ ନିଜ ଭିତରେ ଅନୁଭବ କରୁଅଛି । ମୋତେ ଏହି ଜଲ୍‌ସାରେ ସାମିଲ୍ ହୋଇ ଲୋକମାନଙ୍କ ସହିତ ଧୈର୍ଯ୍ୟ ଓ ସହନଶୀଳତା ସହିତ ବ୍ୟବହାର କରିବା ଓ ସେମାନଙ୍କ ସହିତ ଉତମ ଚରିତ୍ର ଦେଖାଇ କିପରି ବ୍ୟବହାର କରାଯିବ, ଏ ବାବଦରେ ଶିକ୍ଷା ମିଳିଲା । କାରଣ ଅଲ୍ଲାଃତାଲା ଯେଉଁ ବର୍‌କାତ୍ ଗୁଡିକ ଏ ଜଲ୍‌ସାରେ ପ୍ରଦାନ କରିଛନ୍ତି ତାହା ଅଗଣିତ ଏବଂ ଏହା ସବୁ ଜଲ୍‌ସା ସାଲାନାର ବର୍‌କାତ୍ ଅଟେ ।

ବେଲ୍‌ଜିୟମ୍ ଓ୍ୱଫଦ୍‌ର ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଏହି ସାକ୍ଷାତ୍‌କାର ୯:୧୫ ପର୍ଯ୍ୟନ୍ତ ଜାରି ରହିଲା । ସାକ୍ଷାତ୍‌କାରର ଶେଷରେ ଓ୍ୱଫଦ୍‌ର ପ୍ରତ୍ୟେକ ମେମ୍ବର୍ ଜଣ ଜଣ କରି ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉତୋଳନ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଓ୍ୱଫଦ୍‌ରେ ସାମିଲ୍ ହୋଇଥିବା ପିଲାମାନଙ୍କୁ ବହୁତ ସ୍ନେହର ସହିତ ଚକୋଲେଟ୍ ଓ କଲମ ପ୍ରଦାନ କଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜଲ୍‌ସାଗାଃରେ ପଦାର୍ପଣ କରି ନମାଜ ମଗ୍‌ରିବ୍ ଓ ଇଶା ଏକତ୍ର କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଅନୁମତି କ୍ରମେ ମୋକରମ୍ ଅତାଉଲ୍ ମୁଜିବ ରାଶିଦ୍ ସାହେବ୍ ମୋବୋଲିଗ୍ ଇନ୍‌ଚାର୍ଜ ୟୁ.କେ କିଛି ନିକାହର ଘୋଷଣା କଲେ । ଶେଷରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଆ କରାଇଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ । ଆଜି ପ୍ରୋଗ୍ରାମ୍ ମୁତାବକ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ହଦିକତୁଲ୍ ମେହେଦୀ (ଜଲ୍‌ସାଗାଃ) ରୁ ମସ୍‌ଜିଦ୍ ଫଜଲ୍ (ଲଣ୍ଡନ୍) ନିମନ୍ତେ ଯାତ୍ରା କରିବାର ପ୍ରୋଗ୍ରାମ୍ ଥିଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ରାତ୍ରି ୧୦:୧୫ ରେ ହଦିକତୁଲ୍ ମେହେଦୀରୁ ଗସ୍ତ କଲେ । ଏବଂ ପାଖାପାଖି ଏକଘଂଟା ଯାତ୍ରା କରିବା ପରେ ରାତ୍ର ୧୧:୧୫ ରେ ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍ ଠାରେ ପଦାର୍ପଣ କଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । କ୍ରମଶଃ.. (ବହଓ୍ୱାଲା, ଅଖବାର୍ ବଦର୍ ୩୦ ନଭେମ୍ବର୍ ୨୦୧୭)

**ଆମ୍ ଚାନ୍ଦା ପରେ ତେହ୍‌ରିକ୍ ଯଦିଦ୍‌ର ଚାନ୍ଦା**
**ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ।**
**ନାଦହିନ୍ଦା (ଚାନ୍ଦା ନଦେଉଥିବା ଲୋକେ) ହେଉଛନ୍ତି ସେ ଯେଉଁମାନେ**
**ସବୁବେଳେ ନିଜ ସାମର୍ଥ୍ୟରୁ କମ୍ ୱାଦା (ପ୍ରତିଶ୍ରୁତି) ଲେଖାନ୍ତି ।**
**ମନୁଷ୍ୟ ଯେବେ ସମ୍ପୂର୍ଣ୍ଣ କୁର୍ବାନୀ ନକରେ ତେବେ ଖୁଦାଙ୍କ ଫରିସ୍ତା ତା**
**ଭିତରେ ଶକ୍ତି ଓ ପ୍ରଭାବ ଜନ୍ମାନ୍ତି ନାହିଁ ।**

## ତେହ୍‌ରିକ୍ ଯଦିଦ୍‌ର ୮୪ତମ ବର୍ଷ ଶୁଭାରମ୍ଭର ବାବର୍‌କତ୍ ଘୋଷଣା

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦହୁଲ୍ଲାହୋ ତାଲା ବେନସ୍‌ରେହିଲ୍ ଅଜିଜ୍ ୩ ନଭେମ୍ବର ୨୦୧୭ ଦିନ ନିଜ ଜ୍ଞାନବର୍ଦ୍ଧକ ଖୁତ୍‌ବାଜୁମାରେ ତେହ୍‌ରିକ୍ ଯଦିଦ୍‌ର ୮୪ତମ ବର୍ଷର ବାବର୍‌କତ୍ ଶୁଭାରମ୍ଭର ଘୋଷଣା କଲେ ।

ଖୋଲଫାଏ ସିଲ୍‌ସିଲା (ସିଲ୍‌ସିଲାର ଖଲିଫାଗଣ)ଙ୍କ ତରଫରୁ ଜାରି ହୋଇଥିବା ସମସ୍ତ ତେହ୍‌ରିକ୍ ଗୁଡିକ ମଧ୍ୟରୁ ତେହ୍‌ରିକ୍ ଯଦିଦ୍‌କୁ ଗୋଟିଏ ବିଶେଷତା ହାସଲ ହୋଇଛି ଯେ, ଏହାକୁ ତେହ୍‌ରିକ୍ ଯଦିଦ୍‌ର ପ୍ରତିଷ୍ଠାତା ସୟଦ୍‌ନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ ରଜିଅଲ୍ଲାହୋ ତାଲା ଅନ୍‌ହୋ ''ଜିହାଦେ କବୀର୍'' ରୂପେ ଅଭିହିତ କରିଛନ୍ତି । ଏହା ସହିତ ତାକୁ ପ୍ରତ୍ୟେକ ପ୍ରକାରର ତୌୱି ଚାନ୍ଦା ମୁକାବିଲାରେ ଲାଜ୍‌ମି ଚାନ୍ଦାର ମାନ ପ୍ରଦାନ କରିଛନ୍ତି । ଏହାର ଚର୍ଚ୍ଚା କରି ସୟଦ୍‌ନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ ରଜିଅଲ୍ଲାହୋ ତାଲା ଅନ୍‌ହୋ କହୁଛନ୍ତି:-

''ମୁଁ ଏ ଚାନ୍ଦାକୁ ଲାଜ୍‌ମି (ଅନିର୍ବାଜ୍ୟ) କରିଦେଇଛି । ଯମାତ୍‌ର ପ୍ରତ୍ୟେକ ପୁରୁଷ ଏବଂ ମହିଳାଙ୍କ ପାଇଁ ଏହା ଫର୍ଜ (ଧାର୍ଯ୍ୟ) ଅଟେ ଯେ ସେମାନେ ଏଥିରେ ଭାଗ ନିଅନ୍ତୁ'' ।

*(ରୋଜ୍‌ନାମା ଅଲ୍‌ଫଜଲ୍ ରବ୍‌ୱାଃ ୧୩ ଜୁଲାଇ ୧୯୫୬)*

ଚାନ୍ଦା ତେହ୍‌ରିକ୍ ଯଦିଦ୍‌ର ଗୁରୁତ୍ୱ ସମ୍ପର୍କରେ ଖୋଲଫାଏ କରାମଙ୍କର ବହୁତ ଗୁଡିଏ ନିର୍ଦ୍ଦେଶାବଳୀ ଉଲ୍ଲେଖ ଅଛି । ସମସ୍ତ ପ୍ରକାର ତୌୱି ଚାନ୍ଦାମାନଙ୍କ ଭିତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚାନ୍ଦା ହେଉଛି ତେହ୍‌ରିକ୍ ଯଦିଦ୍ । ଏହାର ଚର୍ଚ୍ଚା କରି ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମହୁଲ୍ଲାହୋ ତାଲା କହୁଛନ୍ତି:-

''ଚାନ୍ଦା ଆମ୍ ପରେ ତେହ୍‌ରିକ୍ ଯଦିଦ୍‌ର ଚାନ୍ଦା ସବୁଠାରୁ ଅଧିକା ଗୁରୁତ୍ୱପୂର୍ଣ୍ଣ । ଏଥିରେ ବହୁତ ବର୍‌କତ୍ ଅଛି । ଏହା ଆରମ୍ଭରୁ ହିଁ ଯମାତ୍‌ର ମାଲି କୁର୍‌ବାନୀ ଉପରେ ଆଶ୍ଚର୍ଯ୍ୟଜନକ ରୂପେ ଉତମ ପ୍ରଭାବ ପକାଇଛି । ଏହି କୁର୍‌ବାନୀର ଫଲସଫା (ତତ୍ତ୍ୱଜ୍ଞାନ) ସୟଦ୍‌ନା ହଜ୍‌ରତ୍ ଫଜ୍‌ଲେ ଉମର୍ ର:ଅ ବର୍ଣ୍ଣନା କରି ଏକଥାର ଭରପୁର୍ ଉପଦେଶ ଦେଇଛନ୍ତି କି ପ୍ରତ୍ୟେକ କ୍ଷେତ୍ରରୁ ଅର୍ଥ ବଂଚାଇ ଅଧିକରୁ ଅଧିକ ସାମର୍ଥ୍ୟ ସହିତ ଖୁଦାଙ୍କ ମାର୍ଗରେ ଖର୍ଚ୍ଚ କରାଯାଉ'' ।

*(ଖୁତ୍‌ବାଜୁମା ପ୍ରଦତ ୫ ନଭେମ୍ବର ୧୯୯୩)*

ସୟଦ୍‌ନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ ରଜିଅଲ୍ଲାହୋ ତାଲା ଅନ୍‌ହୋ କହୁଛନ୍ତି:-

''ଯେଉଁମାନେ ନିଜ ଆମଦାନୀ ମୁତାବକ ଚାନ୍ଦା ଲେଖାଇନାହାନ୍ତି ସେମାନଙ୍କୁ ମୁଁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଉଛି ଯେ ସେମାନେ ନିଜର ଚାନ୍ଦାଗୁଡିକ ନିଜ ଆମଦାନୀ ମୁତାବକ କରିନିଅନ୍ତୁ । ନାଦହିନ୍ଦା (ଚାନ୍ଦା ନଦେଉଥିବା ଲୋକ) ହେଉଛି ସେ ଯିଏ ସବୁବେଳେ ନିଜ ସାମର୍ଥ୍ୟରୁ କମ୍ ୱାଦା (ପ୍ରତିଶ୍ରୁତି) ଲେଖାଏ । ମନୁଷ୍ୟ ଯେବେ ସମ୍ପୂର୍ଣ୍ଣ କୁର୍ବାନୀ ନକରେ ତେବେ ଖୁଦାଙ୍କ ଫରିସ୍ତା ତା ଭିତରେ ଶକ୍ତି ଓ ପ୍ରଭାବ ଜନ୍ମାନ୍ତି ନାହିଁ'' ।

*(ଖୁତ୍‌ବାଜୁମା ପ୍ରଦତ- ୪ ଡିସେମ୍ବର୍ ୧୯୫୩)*

ସୁତରାଂ ଆଜି ଯେଉଁଠି ଦୁନିଆର ପ୍ରତ୍ୟେକ ଯମାତ୍ ତେହ୍‌ରିକ୍ ଯଦିଦ୍‌ର ମାଲି ଜିହାଦ୍‌ରେ ଜଣେ ଆଉ ଜଣକ ଠାରୁ ବଳି କୁର୍ବାନୀ ପେଶ୍ କରୁଛି, ସୟଦ୍‌ନା ହଜ୍‌ରତ୍ ଅକଦସ୍ ଅମିରୁଲ୍ ମିମିନିନ୍ ଖଲିଫତୁଲ୍ ମସିହିଏ ଖାମିସ୍ ଅୟଦହୁଲ୍ଲାହୋ ତାଲା ବେନସ୍‌ରେହିଲ୍ ଅଜିଜ୍ ନୂତନବର୍ଷର ୱାଦା ଏବଂ ତାର ପଇଠ ନିମନ୍ତେ ଯମାତ୍ ଅହେମଦୀୟା ଭାରତକୁ ନୂଆ ଟାର୍ଗେଟ୍ ଦେଇଛନ୍ତି, ଯାହାକୁ ପୁରଣ କରିବା ନିମନ୍ତେ ପ୍ରତ୍ୟେକ ୱାଦାରେ ଅତି କମ୍‌ରେ ଦଶ ପ୍ରତିଶତ ବଢ଼ାଇବା ଜରୁରୀ ଅଟେ । ନିଷ୍ଠାବାନ୍ ଯମାତ୍‌ର ଗୋଚରରେ ତେହ୍‌ରିକ୍ ଯଦିଦ୍‌ର ଜିହାଦେ କବୀର (ସବୁଠାରୁ ବଡ଼ ଜିହାଦ୍‌ରେ ନିଜର ବାର୍ଷିକ ୱାଦାକୁ ଅତିକମ୍‌ରେ ୧୦ ପ୍ରତିଶତ ବଢ଼ାଇବା ନିମନ୍ତେ ଦରଖାସ୍ତ କରାଯାଉଛି । ଅଲ୍ଲାଃତାଲା ତା କୃପାଦ୍ୱାରା ଆମ ସମସ୍ତଙ୍କୁ ପ୍ରିୟ ଆକାଙ୍କ ପୁଣ୍ୟ ଆଶା ଉପରେ ସମ୍ପୂର୍ଣ୍ଣ ରୂପେ ପରିଚାଳିତ ହେବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

*(ୱକିଲୁଲ୍ ମାଲ୍ ତେହ୍‌ରିକେ ଯଦିଦ୍ କାଦିଆନ୍)*

## ମସ୍‌ଜିଦ୍ ବଇତୁଲ୍ ଫତୁହ୍ କମ୍ପ୍ଲେକ୍ସ ର ନବ ନିର୍ମାଣ ନିମନ୍ତେ ୟୁ.କେ ଏବଂ ଦୁନିଆରେ ଥିବା ଯମାତ୍‌ର ଦାନଶୀଳ ବ୍ୟକ୍ତିମାନଙ୍କୁ ମାଲି କୁର୍‌ବାନୀ ନିମନ୍ତେ ତେହ୍‌ରିକ୍ (ଆହ୍ୱାନ୍)

**''ତିନି ବର୍ଷ ଅବଧିରେ ନିଜର ୱାଦା (ପ୍ରତିଶ୍ରୁତି) କରିଥିବା ଅର୍ଥକୁ**
**ପଇଠ କରିବା ପାଇଁ ଚେଷ୍ଟା କରନ୍ତୁ ।**
**କିନ୍ତୁ ଅତି କମ୍‌ରେ ଏକ ତୃତୀୟାଂଶ ଅର୍ଥ**
**ପ୍ରଥମ ବର୍ଷରେ ହିଁ ନିଶ୍ଚିତ ରୂପେ ପଇଠ କରନ୍ତୁ ।''**

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦହୁଲ୍ଲାହୋ ତାଲା ବେନସ୍‌ରେହିଲ୍ ଅଜିଜ୍ ୩ ନଭେମ୍ବର ୨୦୧୭ ଦିନ ଯମାତ୍‌ର ଲୋକମାନଙ୍କ ନିମନ୍ତେ ଗୋଟିଏ ମାଲି କୁର୍‌ବାନୀର ତେହ୍‌ରିକ୍ (ଆହ୍ୱାନ୍) କରି କହୁଛନ୍ତି:-

''ମୁଁ ଗୋଟିଏ ଛୋଟିଆ ତେହ୍‌ରିକ୍ ମଧ୍ୟ କରିବାକୁ ଚାହୁଁଛି, ଯାହାକୁ ସାଧାରଣତଃ ୟୁ.କେ (UK) ପାଇଁ ଏବଂ ଦୁନିଆର ଯେଉଁ ଦାନଶୀଳ ବ୍ୟକ୍ତି ଅଟନ୍ତି, ଓ ଯେଉଁ ସାମର୍ଥ୍ୟ ରଖୁଥିବା ଲୋକେ ଅଛନ୍ତି ସେମାନଙ୍କ ପାଇଁ ଅଟେ । ଏବଂ ତାହା ହେଉଛି ମସ୍‌ଜିଦ୍ ବଇତୁଲ୍ ଫତୁହ୍‌ର ସେହି ଜଳିଯାଇଥିବା ଅଂଶର ନବ ନିର୍ମାଣ ନିମନ୍ତେ ।

ଏହା ହେଉଛି ବହୁତ ବଡ଼ ଯୋଜନା...ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମହୁଲ୍ଲାହୋ ତାଲା ଯେତେବେଳେ ଏହି ମସ୍‌ଜିଦ୍ ନିର୍ମାଣର ଯୋଜନା ପାଇଁ ତେହ୍‌ରିକ୍ କରିଥିଲେ ସେତେବେଳେ ଆରମ୍ଭରେ ପାଂଚ ମିଲିଅନ୍‌ର ଆପଣ ତେହ୍‌ରିକ୍ କରିଥିଲେ । ପରେ ପୁଣି ପାଂଚ ମିଲିଅନ୍‌ର ତେହ୍‌ରିକ୍ ଆପଣଙ୍କୁ କରିବାକୁ ପଡ଼ିଥିଲା । ଏହାର ଯେଉଁ ନୂତନ ଯୋଜନା ପ୍ରସ୍ତୁତ କରାଯାଇଛି ଏଥିରେ ମଧ୍ୟ ପାଖାପାଖି ସେତିକି ହିଁ ଅର୍ଥ ଖର୍ଚ୍ଚ ହେବ, ଅର୍ଥାତ୍ ୧୧ ମିଲିଅନ୍ ପାଖାପାଖି ଖର୍ଚ୍ଚ ହେବ । ସେଥିରୁ ପାଖାପାଖି ଅଧା ଅର୍ଥ ମହଜୁଦ୍ ଅଛି । ଅଧାରୁ ଅଧିକର ଆବଶ୍ୟକ ପଡ଼ିବ । ଏବଂ ସେଥିପାଇଁ ଲୋକମାନଙ୍କୁ କୁର୍ବାନୀ କରିବାକୁ ହେବ, ଯେପରି ସବୁବେଳେ କରିଆସୁଛନ୍ତି ।

ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ ଗୋଟିଏ ଅବସରରେ କହୁଛନ୍ତି:-

''ଆଲମଗୀର ସମୟରେ ମୁଖ୍ୟ ମସଜିଦ୍‌ରେ ନିଆଁ ଲାଗିଗଲା, ଲୋକେ ଦୌଡ଼ି ଦୌଡ଼ି ରାଜାଙ୍କ ନିକଟରେ ପହଁଚିଲେ ଏବଂ କହିଲେ ମସଜିଦ୍‌ରେ ନିଆଁ ଲାଗିଯାଇଛି ଏହି ଖବର ଶୁଣି ରାଜା ସଙ୍ଗେସଙ୍ଗେ ସଜ୍‌ଦାରେ ଯାଇ (ଅଲ୍ଲାଃଙ୍କୁ) କୃତଜ୍ଞତା ଜ୍ଞାପନ କଲେ । ନିକଟରେ ବସିଥିବା ଲୋକେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପଚାରିଲେ ହଜୁର କୃତଜ୍ଞତାର ଏହା କେଉଁ ସମୟ ? ଅଲ୍ଲାଃର ଘରେ ନିଆଁ ଲାଗିଗଲା ଏବଂ ଏହି ଘଟଣାରେ ମୁସଲମାନମାନେ ମ୍ରିୟମାଣ ଓ ବ୍ୟଥିତ । ଏଥିରେ ରାଜା କହିଲେ- ମୁଁ ଦିର୍ଘ ଦିନ ହେଲା ଚିନ୍ତା କରୁଥିଲି ଏବଂ ମୃଦୁ ଦୁଃଖରେ ପିଡ଼ିତ ଥିଲି କି ଏଭଳି ବିଶାଳ ମସଜିଦ୍ ତିଆରି ହୋଇଛି ଏବଂ ଏତତ୍ ଦ୍ୱାରା ସହସ୍ର ଲୋକେ ଉପକୃତ ହେଉଛନ୍ତି । ଅଲ୍ଲାଃ କରନ୍ତେ କି ଏହି ମାନବ ସେବା କାର୍ଯ୍ୟରେ ମୋର ମଧ୍ୟ କିଛି ଯୋଗଦାନ ଥାନ୍ତା କି କିନ୍ତୁ ଚତୁର୍ପାଶ୍ୱରୁ ମୁଁ ଏହାକୁ ଏଭଳି ସମ୍ପୂର୍ଣ୍ଣ ଓ ତୃଟିହୀନ ଦେଖୁଥିଲି କି ମୋତେ କୌଣସି ରାସ୍ତା ଦିଶୁନଥିଲା କି ମୁଁ କିଭଳି ଏଥିରୁ ପୁଣ୍ୟ ଅର୍ଜନ କରିବି । ସୁତରାଂ ଆଜି ଅଲ୍ଲାଃତାଲା ମୋ ପାଇଁ ପୁଣ୍ୟ ଅର୍ଜନ କରିବାର ଏକ ମାର୍ଗ ଖୋଲିଦେଲେ **ୱଲ୍ଲାହୁ ସମିଉନ୍ ଅଲିମ୍** ।''

(ମଲ୍‌ଫୁଜାତ୍ ଖଣ୍ଡ-୧, ପୃଷ୍ଠା-୩୮୭, ଏଡିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ସୁତରାଂ ଯେପରିକି ମୁଁ କହିଲି ଯେ ଯେଉଁମାନେ ପୂର୍ବରୁ ଏହି କୁର୍ବାନୀରେ ଭାଗ ନେଇପାରିନାହାଁନ୍ତି ସେମାନଙ୍କୁ ନିଶ୍ଚିତ ରୂପେ ଭାଗନେବା ଉଚିତ୍ । ନିଜର ଯାହା ବି ଅର୍ଥ ୱାଦା କରି ଲେଖାଇବେ ତାକୁ ତିନିବର୍ଷ ଅବଧି ଭିତରେ ପଇଠ କରିବା ପାଇଁ ଚେଷ୍ଟା କରନ୍ତୁ । କିନ୍ତୁ ଅତି କମ୍‌ରେ ଏକ ତୃତୀୟାଂଶ ପ୍ରଥମ ବର୍ଷରେ ହିଁ ନିଶ୍ଚିତ ରୂପେ ପଇଠ କରନ୍ତୁ । ଇଦାରାଃ - (ଦଫ୍‌ତର୍)

## ପରମାଣୁ ବୋମା ଉତାପର କୁପ୍ରଭାବରୁ ସୁରକ୍ଷା ରହିବା ପାଇଁ ହୋମିଓପାଥିକ୍ ଔଷଧ

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟା ପରବଶ ହୋଇ ପରମାଣୁ ଉତାପର କୁପ୍ରଭାବରୁ ସୁରକ୍ଷା ପାଇବା ପାଇଁ ପୂର୍ବରକ୍ଷା ସ୍ୱରୂପ ନିମ୍ନରେ ଦିଆଯାଇଥିବା ଔଷଧକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ୍ ଦେଇଛନ୍ତି । ତତ୍ ସହିତ ଏହା ମଧ୍ୟ କହିଲେ ଯେ ଦୁଆ କର ଯେ ଅଲ୍ଲାଃତାଲା ପ୍ରତ୍ୟେକ ବିଶେଷ ଓ ସାଧାରଣଙ୍କୁ ନିଜର ସୁରକ୍ଷାରେ ରଖନ୍ତୁ । ଆମିନ୍ !

### ହୁ ୱଶ୍ ଶାଫି

**ବୟସ୍କ ଲୋକମାନଙ୍କ ନିମନ୍ତେ:-**

(1)Carcinosin CM (2)Radium Brom CM

**୧୦ ରୁ ୧୫ ବର୍ଷ ପିଲାମାନଙ୍କ ନିମନ୍ତେ:-**

(1)Carcinosin 100 (2)Radium Brom 1000

**୧୦ ରୁ କମ୍ ବୟସର ପିଲାମାନଙ୍କ ନିମନ୍ତେ:-**

(1)Carcinosin 200 (2)Radium Brom 200

ପ୍ରଥମ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଏବଂ ଦ୍ୱିତୀୟ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ତୃତୀୟ ସପ୍ତାହରେ ୧ନଂ ଔଷଧରୁ ଏକ ପାନ ଖାଇବେ ଓ ଚତୁର୍ଥ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ଏହି ଅନୁକ୍ରମରେ ଛୋଟ ପିଲାମାନେ ଓ ବୟସ୍କମାନେ ଦୁଇଟି ଯାକ ଔଷଧରୁ ୩ ରୁ ୪ ପାନ ଲେଖାଏଁ ଖାଇବେ ।

(ହଫିଜ୍ ଅହେମଦ୍ ଭଟି, ଲଣ୍ଡନ୍, ହୋମିଓପାଥିକ୍ ଡ଼ିପାର୍ଟମେଂଟ୍ ୟୁ.କେ)

(ଅଖବାର୍ ଅଲ୍‌ଫଜଲ୍ ଇଂଟରନ୍ୟାସିନାଲ୍ ୧୨ ମଇ ୨୦୧୭ ଙ୍କୁ ଧନ୍ୟବାଦ ।)

## ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୭ ମସିହା ଡିସେମ୍ବର ତା-୨୯,୩୦,୩୧ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ଦେଇଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବରକତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । **(ନାଜର୍ ଇସ୍‌ଲାହ ଓ୍ୱ ଇରଶାଦ୍ ମର୍କଜିଆ କାଦିଆନ୍)**

**ଇସ୍‌ଲାମ୍ ଏବଂ ଜମାତ୍ ଅହେମଦୀୟା ବିଷୟରେ କୌଣସି ପ୍ରକାର ସୂଚନା ପାଇବା ପାଇଁ ସମ୍ପର୍କ କରନ୍ତୁ**

**ନୁରୁଲ୍ ଇସ୍‌ଲାମ୍‌ର ନିଃଶୁଳ୍କ ସେବା ନଂ:**

**୧୮୦୦ ୩୦୧୦ ୨୧୩୧**

(ଶୁକ୍ରବାରକୁ ଛାଡ଼ି ପ୍ରତିଦିନ ସକାଳ ୯:୦୦ ରୁ ରାତି ୧୧:୦୦ ପର୍ଯ୍ୟନ୍ତ)

Web.www.alislam.org

www.ahmadiyyamuslimjamaat.in

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

## ପବିତ୍ର କୋରାନ୍‌ର ନିୟମିତ ତେଲାଓ୍ୱତ୍(ପଠନ)କରନ୍ତୁ

ସୟଦ୍‌ନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦହୁଲ୍ଲାହୋ ତାଆଲା ବିନସ୍‌ରିହିଲ୍ ଅଜିଜ୍ କହୁଛନ୍ତି-

''ଅଲ୍ଲାଃତାଲାଙ୍କ ଫଜଲ(କୃପା)ରୁ ଆମ୍ଭେ ଅହେମଦୀ ମୁସଲମାନ୍ ସମସ୍ତଙ୍କଠାରୁ ଅଧିକା ସୌଭାଗ୍ୟଶାଳୀ ଲୋକ । କାରଣ ଆମେ ଇମାମେଓ୍ୱକ୍ତ ହଜ୍‌ରତ୍ ମସିହ୍ ମଉଦ୍ ଆଲେହିସ୍ ସଲାତୋ ଓ୍ୱସ୍‌ସଲାମ୍ ଙ୍କୁ ମାନିବା ପାଇଁ ତୌଫିକ୍ ପ୍ରାପ୍ତ ହୋଇଛି ।.........ଆମେ ଅତ୍ୟନ୍ତ ସୌଭାଗ୍ୟଶାଳୀ ଯେ ଅଲ୍ଲାଃତାଲା ନିଜର ବାବରକତ୍ ଓ ସମ୍ପୂର୍ଣ୍ଣ ଶରୀୟତ୍ ଜରିଆରେ ଆମର ମାର୍ଗଦର୍ଶନ କରୁଅଛି । ଯାହାକୁ ସେ ଆଁ ହଜ୍‌ରତ୍ ସ୍ୱଲଲ୍ଲାହୋ ଆଲୈହେ ଓ୍ୱସଲ୍ଲମ୍‌ଙ୍କ ଉପରେ ପବିତ୍ର କୋରାନ୍ ରୂପରେ ଅବତୀର୍ଣ୍ଣ କରିଛନ୍ତି । ସେଥିଯୋଗୁ ଆମ ସମସ୍ତଙ୍କ ଉପରେ ଏହା ଧାର୍ଯ୍ୟ ଅଟେ ଯେ ଆମେ ପବିତ୍ର କୋରାନ୍‌କୁ ପଠନ କରିବା କାରଣ କୋରାନ୍ ଆମ ସଫଳତା ଓ ଆମର ମୋକ୍ଷ ପ୍ରତି ମାର୍ଗ ଦର୍ଶନ କରୁଅଛି । ଏହା ହେଉଛି ସେହି ଆଧାତ୍ମିକ ଜ୍ୟୋତି ଯିଏ ଆମକୁ ବାସ୍ତବିକ ରୂପେ ଦୀନ୍(ଧର୍ମ)କୁ ଦୁନିଆ(ସଂସାର) ଉପରେ ଅଗ୍ରାଧିକାର ଦେବା ପାଇଁ ଶିକ୍ଷା ଦେଉଅଛି । ଏହା ହିଁ ଆମର ଶିକ୍ଷକ ଓ ଜୀବନ ପ୍ରକ୍ରିୟା....ତେଣୁ ଆମମାନଙ୍କ ଭିତରୁ ସମସ୍ତେ ଏ କଥାକୁ ନିଶ୍ଚିତ କରିବା ଉଚିତ୍ ଯେ ଆମେ ପବିତ୍ର କୋରାନ୍‌କୁ ନିୟମିତ ଭାବେ ପଠନ କରିବା, ଏହାର ଗଭୀର ଜ୍ଞାନକୁ ଶିଖିବା ପାଇଁ ଚେଷ୍ଟା କରିବା ଏବଂ ଏହାର ପ୍ରତ୍ୟେକ ଶିକ୍ଷା ଉପରେ ଅମଲ କରିବା ପାଇଁ ଚେଷ୍ଟା କରିବା । ଆଜି ଯଦି ଆମର ହୃଦୟ ଓ ବୁଦ୍ଧି ପବିତ୍ର ଓ ସ୍ୱଚ୍ଛ ହୋଇପାରିବ ଏବଂ ଆମ ଭିତରେ ଏକ ପବିତ୍ର ପରିବର୍ତନ ସୃଷ୍ଟି ହୋଇପାରିବ ତେବେ ଏହା କେବଳ ଅଲ୍ଲାଃତାଲାଙ୍କ ବାଣୀକୁ ପଢ଼ିବା ଓ ବୁଝିବା ଫଳରେ ହିଁ ସମ୍ଭବ ହେବ'' ।

(ତା-୨୬ ସେପ୍ଟେମ୍ବର୍ ୨୦୧୬ ରିଖ ଦିନ ମଜଲିସ୍ ଖୁଦାମୁଲ୍ ଅହେମଦୀୟା ଇଂଲଣ୍ଡର ଜାତୀୟ ଇଜିତେମା ଅବସରରେ ଉଦ୍‌ଯାପନୀ ଅଭିଭାଷଣ । ବହଓ୍ୱାଲା ଅଖବାର୍ ବଦର୍ କାଦିଆନ୍, ୭-ସେପ୍ଟେମ୍ବର୍-୨୦୧୭)

(ନଜାରତ୍ ଇସ୍‌ଲାହ ଓ୍ୱ ଇରଶାଦ୍ ତାଲିମୁଲ୍ କୁରଆନ୍ ଓ୍ୱ ଓ୍ୱକ୍‌ଫେ ଆରଜି କାଦିଆନ୍)

## ବାପା ମା'ଙ୍କ ନିମନ୍ତେ କର୍ତବ୍ୟ

ଓ୍ୱ କଜା ରବ୍ବୁକା ଅଲ୍ଲାଃ ତାଆବୁଦୁ ଇଲ୍ଲା ଇୟାହୁ ଓ୍ୱବିଲ୍ ଓ୍ୱାଲିଦୈନେ ଇହ୍‌ସାନା । ଇମ୍ମା ୟବ୍‌ଲୁଗନ୍ନା ଇନ୍‌ଦକଲ୍ କିବର ଅହଦୁହୁମା ଅଓ କିଲାହୁମା ଫଲା ତକୁଲ୍ଲହୁମା ଉଫିଉଁ ଓ୍ୱଲା ତନ୍‌ହରହୁମା ଓ୍ୱକୁଲ୍ଲହୁମା କଓ୍ୱଲନ୍ କରିମା । ଓ୍ୱଖ୍‌ଫିଜ୍ ଲହୁମା ଯନାହଜ୍ ଜୁଲ୍ଲେ ମିନର୍‌ରହ୍‌ମତେ ଓ୍ୱକୁର୍ ରବ୍ବିର୍ ହମ୍‌ହୁମା କମା ରବ୍ବୟାନି ସଗିରା ।

**(ପବିତ୍ର କୋରାନ୍ ସୁରା ବନି ଇସ୍‌ରାଇଲ୍: ଆୟାତ:୨୪-୨୫)**

ଅର୍ଥାତ୍- ତୁମ୍ଭ ପାଳନକର୍ତା (ଏ ବିଷୟରେ) ଚେତାବନୀ ପୂର୍ବକ ଆଦେଶ ଦେଇଛନ୍ତି ଯେ ତୁମେମାନେ ତାହାଙ୍କ ବ୍ୟତୀତ କାହାରି ଉପାସନା କରନାହିଁ, ଏବଂ ପିତାମାତାଙ୍କ ସହିତ ଉତମ ବ୍ୟବହାର କର; ଯଦି ତୁମ ଜୀବିତ ଅବସ୍ଥାରେ ସେ ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କର ବା ଉଭୟଙ୍କର ବାର୍ଦ୍ଧକ୍ୟ ଆସିଯାଏ, ତେବେ ସେମାନଙ୍କ ପ୍ରତି (ସେମାନଙ୍କ କୌଣସି କଥାରେ ଅସନ୍ତୋଷ ପ୍ରକାଶ କରି) କୌଣସି କଟୁ ମନ୍ତବ୍ୟ ପ୍ରକାଶ କର ନାହିଁ କି ସେମାନଙ୍କୁ ଭର୍ତ୍ସନା କରନାହିଁ ଓ ସେମାନଙ୍କ ସହ (ସର୍ବଦା) କୋମଳ ବଚନରେ କଥାବାର୍ତା କର । ଏବଂ ଦୟାପରବଶ ହୋଇ ସେମାନଙ୍କ ସମ୍ମୁଖରେ ବିନୀତ ମନୋଭାବ ପୋଷଣ କର, ଏବଂ (ସେମାନଙ୍କ ପାଇଁ ପ୍ରାର୍ଥନା-ପୂର୍ବକ) କୁହ, ''ହେ ମୋର ପାଳନ କର୍ତା,! ସେମାନଙ୍କ ପ୍ରତି କରୁଣା ପ୍ରଦାନ କର,କାରଣ ସେମାନେ ମୋର ଶୈଶବ ଅବସ୍ଥାରେ ଲାଳନ ପାଳନ କରିଥିଲେ'' ।

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.2 Thursday 14 DEC 2017 Issue No. 50

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.300/- (Per Issue:Rs.6/-) (**WEIGHT** - 20-50gms/issue)

## ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜଲ୍‌ସା ସାଲାନା ବ୍ରିଟେନ୍-୨୦୧୭ ଅବସରରେ କାର୍ଯ୍ୟବ୍ୟସ୍ତତା

### ଇମାମ୍ ଯମାତ୍ ଅହେମଦୀୟା ବର୍ତମାନ ସମୟର ଜଣେ ମହାନ୍ ଧାର୍ମିକ ନେତା ଅଟନ୍ତି ।
### ଯମାତ୍ ଅହେମଦୀୟାର ଖଲିଫା ବହୁତ କୋମଳ ହୃଦୟ, ବିନମ୍ର ଏବଂ ପବିତ୍ର ବ୍ୟକ୍ତି ଅଟନ୍ତି ।

■ଅହେମଦୀଙ୍କ ସହିତ ମୋର ସମ୍ପର୍କ ହେବା ଦ୍ୱାରା ମୁଁ ପ୍ରଥମ ଥର ପାଇଁ ଇସ୍‌ଲାମୀୟ ଦୁଆ (ପ୍ରାର୍ଥନା) ପଢ଼ିଲି । ଇସ୍‌ଲାମ୍‌ର ମୂଳଦୁଆ ପ୍ରେମ ଓ ଶାନ୍ତି ଉପରେ ଆଧାରିତ । ମୋତେ ବହୁତ ଖୁସି ଲାଗୁଛି ଯେ ଆମର ସୁସମ୍ପର୍କ ଅହେମଦୀମାନଙ୍କ ସହିତ ହୋଇଯାଇଛି । ଅହେମଦୀମାନଙ୍କ ନିକଟରେ ଆମେ କେବଳ ପ୍ରେ ଓ ସ୍ନେହ ଦେଖିବାକୁ ପାଇଛୁ । ଏଠାରେ ଆମର ଯେପରି ଧ୍ୟାନ ରଖାଗଲା ଆମେ ତାକୁ ବର୍ଣ୍ଣନା କରିପାରିବୁ ନାହିଁ । ଏବେ ଆମେ ଆମେରିକା ଯାଇ ଲୋକମାନଙ୍କୁ ଖିଲାଫତେ ଅହେମଦୀୟା ବିଷୟରେ ବତାଇବୁ । ଆମକୁ ଏପରି ଲାଗୁଛି ଯେପରି ଆମ ଭିତରେ କିଛି ଲୋକ ଅହେମଦୀ ମୁସଲ୍‌ମାନ୍ ହୋଇଯିବେ । ହଜୁର୍ ବିଲ୍‌କୁଲ୍ ସିଧା ଏବଂ ସ୍ୱଷ୍ଟ କଥା କହୁଛନ୍ତି ଓ ବହୁତ କୋମଳ ହୃଦୟ ଓ ଦୟାବାନ୍ ଅଟନ୍ତି । ଆମର ଏ ଇଛା ଯେ ହଜୁର୍ ଅନୁଓ୍ୱର୍ ଆମେରିକା ଆସି ଆମର ମାର୍ଗ ଦର୍ଶନ କରାନ୍ତୁ ଓ ବୌଦ୍ଧମାନଙ୍କ ସହିତ ମିଶନ୍ତୁ । ଇମାମ୍ ଯମାତ୍ ଅହେମଦୀୟା ବର୍ତମାନ ସମୟର ଜଣେ ମହାନ୍ ଧାର୍ମିକ ନେତା ଅଟନ୍ତି । (ବୁଦ୍ଧିଷ୍ଟ୍ ସଂଗଠନ CSS ର ପ୍ରତିଷ୍ଠାତା ଓ ସଭାପତି ।

■ମୁଁ ଯମାତ୍ ଅହେମଦୀୟାର ଆତିଥ୍ୟତା ଦ୍ୱାରା ବହୁତ ପ୍ରଭାବିତ ହୋଇଅଛି । ମାନବିକ ଅଧିକାର ନିମନ୍ତେ ଯମାତ୍ ଅହେମଦୀୟା ତରଫରୁ କରାଯାଇଥିବା ଚେଷ୍ଟା, ବିଶେଷ ରୂପେ ସେହି ସବୁ ସ୍ଥାନ ଗୁଡିକରେ ଯେଉଁଠି ପ୍ରାକୃତିକ ବିପର୍ଯ୍ୟୟ ହୋଇଛି, ତାହା ପ୍ରଶଂସନୀୟ । ସେହିପରି ଯମାତ୍ ଅହେମଦୀୟାର ଶିକ୍ଷା କ୍ଷେତ୍ରରେ ସେବା ପ୍ରଶଂସନୀୟ ଅଟେ । (ୱ୍ୱଫଦ୍‌ର ଜଣେ ସଦସ୍ୟ NAOKO NAKAJIMA ସାହିବା)

■ସ୍ୱେଚ୍ଛାସେବୀ କର୍ମୀମାନେ ଯେଉଁଭଳି ଆମର ସେବା ଓ ଆମର ପ୍ରତ୍ୟେକ ଆବଶ୍ୟକତାର ଧ୍ୟାନ ରଖିଲେ ତାହା ବହୁତ ଉଚ୍ଚକୋଟୀର ଓ ପ୍ରଭାବଶାଳୀ ଥିଲା । ସବୁଠାରୁ ବଳି ଇମାମ୍ ଯମାତ୍ ଅହେମଦୀୟାଙ୍କ ସହିତ ସାକ୍ଷାତ୍‌କାର ଥିଲା । ମୁଁ ଆଜି ପର୍ଯ୍ୟନ୍ତ ଯେତେ କମ୍ୟୁନିଟି ଲିଡର୍‌ମାନଙ୍କ ସହିତ ମିଶିଛି ସେ ସମସ୍ତଙ୍କ ମଧ୍ୟରୁ ଯମାତ୍ ଅହେମଦୀୟାର ଇମାମ୍ ସବୁଠାରୁ ଅଧିକ ସ୍ନେହି ଓ କୋମଳ ହୃଦୟର ଅଟନ୍ତି । (ୱ୍ୱଫଦ୍‌ର ଜଣେ ସଦସ୍ୟ Minh Tam Nelson ସାହେବ)

■ମୁଁ ଇମାମ୍ ଯମାତ୍ ଅହେମଦୀୟାଙ୍କର କୃତଜ୍ଞତା ଜ୍ଞାପନ କରିବାକୁ ଚାହୁଁଛି । ଯିଏ ନିଜର ଅତ୍ୟନ୍ତ ମୁଲ୍ୟବାନ୍ ସମୟରୁ ଆମ ପାଇଁ ସମୟ ଦେଲେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯମାତ୍ ଅହେମଦୀୟାର ଖଲିଫା ବହୁତ କୋମଳ ହୃଦୟ, ବିନୟ ଓ ପବିତ୍ର ବ୍ୟକ୍ତି ଅଟନ୍ତି । (ୱ୍ୱଫଦ୍‌ର ଜଣେ ସଦସ୍ୟ Wen Wah Chew ସାହେବ)

**ଜଲ୍‌ସାରେ ସାମିଲ୍ ହୋଇଥିବା ଆମେରିକୀୟ ବୁଦ୍ଧିଷ୍ଟ୍ କମ୍ୟୁନିଟିର ସମ୍ମାନୀୟ ଅତିଥି ମାନଙ୍କ**
**ଇମାନ୍ ଅଫରୋଜ୍ (ବିଶ୍ୱାସବର୍ଦ୍ଧକ) ଭାବବ୍ୟକ୍ତ**

କେବଳ ଯାମାଇକା ନିମନ୍ତେ ନୁହେଁ ବରଂ ଆମର ଯୋଜନା ତ ସମଗ୍ର ସଂସାର ନିମନ୍ତେ ଏହା ଯେ ଇସ୍‌ଲାମ୍‌ର ବାସ୍ତବିକ ବାର୍ତା ଓ ଇସ୍‌ଲାମ୍‌ର ଶାନ୍ତିପ୍ରିୟ ଶିକ୍ଷାକୁ ସାରା ଦୁନିଆରେ ପ୍ରସାର କରିବୁ ଓ ଏହା ଆମର ମିଶନ୍ ଅଟେ ।

**ଅତିଥିମାନଙ୍କ ସହିତ ସାକ୍ଷାତ୍ କରିବା ସମୟରେ ହଜୁର୍ ଅନୁଓ୍ୱର୍‌ଙ୍କ ମହାନ୍ ଭାବବ୍ୟକ୍ତ ।**

ଦୁନିଆର ବିଭିନ୍ନ ଦେଶରୁ ଆସି ଜଲ୍‌ସାରେ ସାମିଲ୍ ହୋଇଥିବା ୱ୍ୱଫଦ୍‌ଙ୍କର ହଜୁର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍‌କାର୍ ।

*(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)*

**ଦ୍ୱିତୀୟ ଭାଗ**
**ଲସ୍ ଏଞ୍ଜେଲେସ୍ (ଆମେରିକା) ରୁ ବୁଦ୍ଧିଷ୍ଟ୍ କମ୍ୟୁନିଟି ସହିତ ସମ୍ପର୍କ ରଖିଥିବା ୱ୍ୱଫଦ୍‌ଙ୍କର ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍‌କାର**

ଏହାପରେ ଲସ୍ ଏଞ୍ଜେଲେସ୍ (ଆମେରିକା) ରୁ ବୁଦ୍ଧିଷ୍ଟ୍ କମ୍ୟୁନିଟି ସହିତ ସମ୍ପର୍କ ରଖିଥିବା ୱ୍ୱଫଦ୍‌ଙ୍କର ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍‌କାର କରିବାର ସୌଭାଗ୍ୟ ପାଇଲେ ।

ଲସ୍ ଏଞ୍ଜେଲେସ୍ ଆମେରିକା ରୁ ବୌଦ୍ଧମତର ଶାଖା Compassionate Service Society (CSS) ର ୨୧ ଜଣ ସଦସ୍ୟ ପରିବେଷ୍ଟିତ ଗୋଟିଏ ୱ୍ୱଫଦ୍ ଜଲ୍‌ସାରେ ଯୋଗ ଦେବାପାଇଁ ଆସିଥିଲା ।

ଏହି ସଂଗଠନର ପ୍ରତିଷ୍ଠାତା ଓ ସଭାପତି Nhan Khac Le ସର୍ବପ୍ରଥମେ ନିଜ ସଦସ୍ୟମାନଙ୍କ ପରିଚୟ କରାଇଲେ । ଏହି ୱ୍ୱଫଦ୍‌ରେ ଡାକ୍ତର, ଶିକ୍ଷକ, ଇଞ୍ଜିନିୟର, ଜର୍ନାଲିଷ୍ଟ୍ ଓ ବିଭିନ୍ନ ବିଭାଗ ସହିତ ସମ୍ପର୍କ ରଖିଥିବା ଲୋକେ ସାମିଲ୍ ଥିଲେ ।

ୱ୍ୱଫଦ୍‌ର ଲିଡର୍ ଓ ସଭାପତି Nhan Khac Le ହଜୁର୍ ଅନୁଓ୍ୱର୍‌ଙ୍କ ଗୋଚରେ ଜଣାଇଲେ ଯେ ଅହେମଦୀଙ୍କ ସହିତ ମୋର ସମ୍ପର୍କ ହେବା ଦ୍ୱାରା ମୁଁ ପ୍ରଥମ ଥର ପାଇଁ ଇସ୍‌ଲାମୀୟ ଦୁଆ (ପ୍ରାର୍ଥନା) ପଢ଼ିଲି । ଇସ୍‌ଲାମ୍‌ର ମୂଳଦୁଆ ପ୍ରେମ ଓ ଶାନ୍ତି ଉପରେ ଆଧାରିତ । ମୋତେ ବହୁତ ଖୁସି ଲାଗୁଛି ଯେ ଆମର ସୁସମ୍ପର୍କ ଅହେମଦୀମାନଙ୍କ ସହିତ ହୋଇଯାଇଛି । ଅହେମଦୀମାନଙ୍କ ନିକଟରେ ଆମେ କେବଳ ପ୍ରେ ଓ ସ୍ନେହ ଦେଖିବାକୁ ପାଇଛୁ । ଏଠାରେ ଆମର ଯେପରି ଧ୍ୟାନ ରଖାଗଲା ଆମେ ତାକୁ ବର୍ଣ୍ଣନା କରିପାରିବୁ ନାହିଁ ।

ସେ ପୁଣି କହିଲେ ଏହା ବହୁତ ସୁସଂଗଠିତ ଜଲ୍‌ସା ଥିଲା । ଆଞ୍ଜାବହତାର ଉଚ୍ଚତମ ସ୍ତର ଥିଲା । ସମସ୍ତ ଲୋକେ, ସ୍ୱେଚ୍ଛାସେବୀ କର୍ମୀମାନେ କାମ କରୁଥାନ୍ତି ଓ ସେବା ମନୋଭାବ ରଖି ଆନନ୍ଦ ଅନୁଭବ

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan